## ସଂକ୍ଷେପରେ

### ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ସୋର, ୨୮।୧୨ (ଜନ୍ମେଜୟ ମିଶ୍ର)

ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ନିକଟରେ ଗୁରୁବାର ସନ୍ଧ୍ୟାରେ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ବାଲେଶ୍ୱର ଅଞ୍ଚଳର ଏସକେ ଆସିକ (୨୫) ଓ ଏସକେ କାଲା (୪୦) ଭଦ୍ରକରୁ କାମ ସାରି ବାଇକ ଯୋଗେ ସୋର ଅଭିମୁଖେ ଫେରୁଥିବା ବେଳେ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ନିକଟରେ ଏକ ଷଣ୍ଢକୁ ଧକ୍କା ଦେଇ ରାସ୍ତାରେ ଛିଟିକି ପଡ଼ିଥିଲେ। ଫଳରେ ପଛରୁ ଆସୁଥିବା ଏକ ଅଜଣା ଟ୍ରକ ଏସ୍‌କେ କାଲାଙ୍କ ଉପରେ ଚଢିଯିବାରୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏସ୍‌କେ ଆସିକ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଏସ୍‌କେ ଆସିକଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ । ଏସକେ କାଲାଙ୍କୁ ଅନ୍ୟ ଏକ ୧୦୮ ଆମ୍ବୁଲାନ୍ସରେ ସୋର ଡାକ୍ତରଖାନାକୁ ଆଣିଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ସାଇରନ୍ ବାଜିବାରୁ ଭଣ୍ଡୁର ହେଲା ଡକାୟତି ଯୋଜନା

ବାରିପଦା, ୨୮।୧୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ସହର ଷ୍ଟେଶନ ରୋଡ୍‌ସ୍ଥିତ ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା ମଣପୁରମ ଫାଇନାନ୍ସରୁ ଡକାୟତି ଉଦ୍ୟମ ଫେଲ ମାରିଛି। ସାଇରନ ବାଜିବାରୁ ଲୁଟେରାମାନେ ସ୍ଥାନ ଛାଡ଼ି ଫେରାର ହୋଇଯାଇଥିଲେ। ଏ ନେଇ ସଂସ୍ଥାର ଏରିଆ ମ୍ୟାନେଜର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ ସହ ତଦନ୍ତ ଆରମ୍ଭ କରୁଛି।

ବୁଧବାର ସଂସ୍ଥା କାର୍ଯ୍ୟାଳୟ ଖୋଲିବା ପୂର୍ବରୁ ଲୁଟେରାମାନେ ଏକ କାର ଯୋଗେ ଆସି ତଳ ମହଲାରେ ଅପେକ୍ଷା କରିଥିଲେ। ୫ ଲୁଟେରା ବନ୍ଧୁକ ଧରି କର୍ମଚାରୀମାନଙ୍କୁ ଭୟଭୀତ କରିଥିଲେ। ପରେ ଲକର ଖୋଲିବା ସମୟରେ ସାଇରନ ବାଜିବାରୁ ସେମାନେ ସ୍ଥାନ ଛାଡ଼ି ପଳାଇ ଯାଇଥିଲେ। ଦିନ ବେଳା ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଏଭଳି ଏକ ବଡ଼ ଅଘଟଣ ଏଡାଇ ଯାଇଥିବା ବେଳେ ଲୁଟେରାମାନେ ନିର୍ଭୟରେ ଫେରାର ହୋଇଯାଇଛନ୍ତି। ସହରର ପ୍ରବେଶ ପଥଗୁଡ଼ିକରେ ଯାଞ୍ଚ ନ ହେବା ଏବଂ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରା ନ ଯିବାରୁ ଜିଲା ତଥା ପଡ଼ୋଶୀ ରାଜ୍ୟର ଅପରାଧିମାନେ ଅପରାଧମୂଳକ କାର୍ଯ୍ୟ କରିବାକୁ ସୁଯୋଗ ପାଉଛନ୍ତି। ଫଳରେ ସହରବାସୀ ସୁରକ୍ଷିତ ମଣୁନାହାନ୍ତି ଜିଲା ଓ ପୋଲିସ ପ୍ରଶାସନ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସହରବାସୀ ଦାବି କରୁଛନ୍ତି।

### ପାଚେରି ଭାଙ୍ଗିଲା ଗୋଠଛଡ଼ା ଦନ୍ତା

ଯୋଡ଼ା, ୨୮।୧୨ (ମାନସ ମହାନ୍ତି)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଯୋଡ଼ା ସେକ୍ସନର ବେହେରା ହଟିଂରେ ଏକ ଗୋଠଛଡ଼ା ଦନ୍ତା ଉତ୍ପାତ କରୁଛି। ଦନ୍ତାହାତୀଟି ବିଚାକୁଣ୍ଡି, ଦଲପାହାଡ଼ ଜଙ୍ଗଲ ଦେଇ ଯୋଡ଼ା ପୌରପାଳିକା ୧୩ ନମ୍ବର ୱାର୍ଡ ବେହେରା ହଟିଂର ଟଙ୍କଧର ମହାନ୍ତଙ୍କ ଘରେ ପଶି ପାଚେରି ଭାଙ୍ଗିଛି। ବିଳମ୍ବିତ ରାତ୍ରିରେ ଲୋକେ ଶୋଇଥିବା ବେଳେ ବସ୍ତି ଭିତରେ ପଶି ଭଙ୍ଗାରୁଜା କରିବା ଦ୍ୱାରା ଲୋକଙ୍କୁ ଭୟଭୀତ କରିଛି। ଯୋଡ଼ା ବନପାଳ ତ୍ରିନାଥ ଜେନା କହିଛନ୍ତି, ବଣେଇ ଫରେଷ୍ଟ ଅଞ୍ଚଳରୁ ହାତୀ ବୁଧବାର ଆସି ଯୋଡ଼ା ବନାଞ୍ଚଳର ବିଚାକୁଣ୍ଡି, ଦଲ ପାହାଡ଼ ଜଙ୍ଗଲ ଦେଇ ବେହେରା ହଟିଂରେ ପହଞ୍ଚିଥିଲା। ଜଙ୍ଗଲ ନିକଟରେ ଓଏମସି ଖଣି ଚାଲୁଥିବା ଯୋଗୁ ହାତୀର ଯାତାୟାତରେ ବିଘ୍ନ ସୃଷ୍ଟି ହେବା ଆଶଙ୍କା କରାଯାଉଛି। ଏନେଇ ବନ ବିଭାଗ ପକ୍ଷରୁ ଖଣି କାର୍ଯ୍ୟକୁ ସାମୟିକ ଭାବେ ବନ୍ଦ ରଖିବା ପାଇଁ କୁହାଯାଇଥିବା ସେ ସୂଚନା ଦେଇଛନ୍ତି। ଏଥିସହ ଗୁରୁବେଡ଼ା ଜଙ୍ଗଲ ନିକଟରେ ରେଳ ଧାରଣ ଥିବାରୁ ରେଳ ବିଭାଗକୁ ମଧ୍ୟ ସୂଚନା ଦିଆ ଯାଇଥିବା କହିଥିଲେ।

# ଶ୍ରୀ ବଳଦେବଜୀଉ ଓ ମା'ତାରିଣୀଙ୍କୁ ନିମନ୍ତ୍ରଣ



ନିମନ୍ତ୍ରଣ ପତ୍ର ଆଣିଥିବା ପୁରୀ ସେବାୟତ ମଣ୍ଡଳୀଙ୍କୁ ପାଛୋଟି ନିଆଯାଉଛି।

କେନ୍ଦୁଝର, ୨୮।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

ଜାନୁୟାରୀ ୧୭ ରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ପ୍ରତିଷ୍ଠା ଓ ଲୋକାର୍ପଣ ଉତ୍ସବ ପାଇଁ କେନ୍ଦୁଝରର ଆରାଧ୍ୟ ଶ୍ରୀ ଶ୍ରୀ ବଳଦେବଜୀଉ ଓ ଅଧିଷ୍ଠାତ୍ରୀ ଦେବୀ ମା'ତାରିଣୀଙ୍କ ପାଖକୁ ନିମନ୍ତ୍ରଣ ପତ୍ର ଆସିଛି। ଶ୍ରୀ ମନ୍ଦିର ପୁରୀର ବରିଷ୍ଠ ସେବାୟତ ସଞ୍ଜୟ କୁମାର ଦତ୍ତମହାପାତ୍ରଙ୍କ ନେତୃତ୍ୱରେ ସେବାୟତ ଧନେଶ୍ୱର ଦାସଦତ୍ତ ମହାପାତ୍ର ଏବଂ ଗଦାଧର ଆପଟ୍ଟ କେନ୍ଦୁଝର ଆସି ନିମନ୍ତ୍ରଣପତ୍ର ପ୍ରଦାନ କରିଛନ୍ତି। ପୁରୀ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀ ନିଶିଥ୍ ଦାଶଙ୍କ ତତ୍ତ୍ୱାବଧାନରେ ସେବାୟତ ମଣ୍ଡଳୀ କେନ୍ଦୁଝର ବଡ଼ଦାଣ୍ଡରେ ପହଞ୍ଚିଲେ। ଜିଲା ପ୍ରଶାସନ, ବିଭିନ୍ନ ଅନୁଷ୍ଠାନ, ସଂଗଠନ ତଥା କେନ୍ଦୁଝରବାସୀଙ୍କ ତରଫରୁ ସେବାୟତ ମଣ୍ଡଳୀଙ୍କୁ ସ୍ୱାଗତ କରାଯାଇଥିଲା। ଘଣ୍ଟ, ସଙ୍କୀର୍ତ୍ତନ, ତେଲିଙ୍ଗି ବାଜାର ରୋଷଣୀ, ଓଡ଼ିଶୀ ନୃତ୍ୟ, ସାନ୍ତାଳୀ ନୃତ୍ୟ ସହ ଜଗନ୍ନାଥ ଧ୍ୱନୀରେ ସେବାୟତ ମଣ୍ଡଳୀଙ୍କୁ ଶ୍ରୀଶ୍ରୀ ବଳଦେବଜୀଉଙ୍କ ମନ୍ଦିର ପର୍ଯ୍ୟନ୍ତ ପାଛୋଟି ନିଆଯାଇଥିଲା। ଭୋଗମଣ୍ଡପଠାରେ ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ଯଦୁମଣି ମହଲା, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, କେନ୍ଦୁଝର ଉପଜିଲାପାଳ ତଥା ଦେବୋତ୍ତର ନିର୍ବାହୀ ଅଧିକାରୀ ରାମଚନ୍ଦ୍ର କିସ୍କୁ, କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଡା. ମଧୁସ୍ମିତା ସାମନ୍ତରାୟ, ଉପନିର୍ଦ୍ଦେଶକ ସୂଚନା ଓ ଲୋକ ସମ୍ପର୍କ କେନ୍ଦୁଝର ସଞ୍ଜୀବ ବାରିକ ପ୍ରମୁଖ ସେବାୟତ ମଣ୍ଡଳୀଙ୍କୁ ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଏହି ଅସବରରେ ଶ୍ରୀମନ୍ଦିରର ସେବାୟତ ମଣ୍ଡଳୀ ମହାପ୍ରଭୁଙ୍କର ଫୁଲ, ତୁଳସୀ, ଚନ୍ଦନ ସହ ନିମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ। ବଡ଼ପଣ୍ଡା ରାଜକିଶୋର ପଣ୍ଡା, ରାଜ ପୁରୋହିତ ପ୍ରସନ୍ନ ନନ୍ଦ, ବ୍ରହ୍ମା ଗଙ୍ଗାଧର ବ୍ରହ୍ମା ତଥା ଅନ୍ୟ ସେବାୟତଙ୍କ ଉପସ୍ଥିତିରେ ନିମନ୍ତ୍ରଣ ପତ୍ର ଗ୍ରହଣ କରିଥିବା ବେଳେ ମା'ତାରିଣୀ ମନ୍ଦିର ଘଟଗାଁ ପକ୍ଷରୁ ମୁଖ୍ୟ ପୂଜକ ଶ୍ୟାମ ସୁନ୍ଦର ଦେହୁରୀ, ଏବଂ ଦେବୋତ୍ତର ନୀରିକ୍ଷକ ସଞ୍ଜୀବ ମହାପାତ୍ରଙ୍କ ଉପସ୍ଥିତିରେ ନିମନ୍ତ୍ରଣ ପତ୍ର ଗ୍ରହଣ କରିଥିଲେ।

### ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ

# ଆଖଣ୍ଡଳମଣି ଓ ଭଦ୍ରକାଳୀ ମନ୍ଦିରକୁ ଆସିଲା ନିମନ୍ତ୍ରଣପତ୍ର



ଜିଲା ପ୍ରଶାସନ ପକ୍ଷରୁ ନିମନ୍ତ୍ରଣ ପତ୍ର ଗ୍ରହଣ କରାଯାଉଛି।

ଭଦ୍ରକ, ୨୮।୧୨ (ସନାତନ ରାଉତ)

ଜାନୁୟାରୀ ୧୭ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ପ୍ରତିଷ୍ଠା ପୂଜା ଓ ଲୋକାର୍ପଣ ଉତ୍ସବ ଉପଲକ୍ଷେ ପୁରୀ ଜିଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଭଦ୍ରକ ଜିଲାର ଆଖଣ୍ଡଳମଣି ଓ ଭଦ୍ରକାଳୀ ମନ୍ଦିରକୁ ନିମନ୍ତ୍ରଣପତ୍ର ଆସିଛି। ନିମନ୍ତ୍ରଣ ପତ୍ର ନେଇ ଆସିଥିବା ପୁରୀ ବଡ଼ ଦେଉଳର ସେବାୟତ ଶିବାନୀ ପ୍ରସାଦ ଦାସ ମହାପାତ୍ର, ରାମାନନ୍ଦ ଦାସ ମହାପାତ୍ର, ଜିତେନ୍ଦ୍ର ଦାସ ମହାପାତ୍ର ଏବଂ ପ୍ରଶାସନିକ ଅଧିକାରୀ ଡ଼େପୁଟି କଲେକ୍ଟର ବିବେକାନନ୍ଦ ସାହୁ ପ୍ରମୁଖ ବୁଧବାର ସନ୍ଧ୍ୟାରେ ଭଦ୍ରକରେ ପହଞ୍ଚିବା ପରେ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ସ୍ୱାଗତ କରାଯାଇ ସଂକୀର୍ତ୍ତନ ଶୋଭାଯାତ୍ରରେ ଜିଲା ସଂସ୍କୃତି ଭବନକୁ ପାଛୋଟି ନିଆଯାଇଥିଲା। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧକ୍ଷତାରେ ନିମନ୍ତ୍ରଣପତ୍ର ଗ୍ରହଣ କାର୍ଯ୍ୟକ୍ରମରେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ କୁମାର ସାମଲ, ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଅତିରିକ୍ତ ଜିଲାପାଳ ରାମଦାସ ଟୁଡ୍ଡୁ, ଉପଜିଲାପାଳ ମନୋଜ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ପୁରୀରୁ ଆସିଥିବା ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ଆଖଣ୍ଡଳମଣି ମନ୍ଦିର ସେବାୟତ ଗଦାଧର ପାଢ଼ୀ, ବାବାଜୀ ଶଙ୍କର ପାଢ଼ୀ, ବିଜୟ ଦାଶ, ମନ୍ମଥ ପାଢ଼ୀ, କେଦାରନାଥ ପାଢ଼ୀ, ଗିରିଶ୍ ଚନ୍ଦ୍ର ପାଢ଼ୀ, ସୁରେନ୍ଦ୍ର ପାଢ଼ୀ, ମନ୍ଦିର ନିର୍ବାହୀ ଅଧିକାରୀ ବିଦ୍ୟାଧର ପଲାଇ ପ୍ରମୁଖ ନିମନ୍ତ୍ରଣପତ୍ର ଗ୍ରହଣ କରିଥିଲେ। ଭଦ୍ରକାଳୀ ମନ୍ଦିର ପକ୍ଷରୁ ଅନୁଗ୍ରହ ନାରାୟଣ ଦୀକ୍ଷିତ, କୁଳମଣି ଦୀକ୍ଷିତ, ପ୍ରଶାନ୍ତ ଦୀକ୍ଷିତ, ମନ୍ଦରଧର ଦୀକ୍ଷିତ, ଭାଗୀରଥି ଦୀକ୍ଷିତ, ନିତ୍ୟାନନ୍ଦ ଦୀକ୍ଷିତ ପ୍ରମୁଖ ନିମନ୍ତ୍ରଣ ପତ୍ର ଗ୍ରହଣ କରିଥିଲେ। ଦୁଇ ମନ୍ଦିରରୁ ୨ ଜଣ ଲେଖାଏଁ ଲୋକାର୍ପଣ ଉତ୍ସବରେ ଯୋଗଦେବେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ମଞ୍ଚ ପରିଚାଳନା କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା, ଜିଲା କଳା ସଂସ୍କୃତି ସଂଘର ଉପସଭାପତି ତ୍ରିଲୋଚନ ପଣ୍ଡା ସହଯୋଗ କରିଥିଲେ।

# ସଭା, ସମ୍ବର୍ଦ୍ଧନା, ନାଚଗୀତରେ କମ୍ପିଲା କ୍ୟାମ୍ପସ



କ୍ରୀଡା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଖଇରା, ୨୮।୧୨ (ଉତ୍କଳବନ୍ଧୁ ପଣ୍ଡା)

### ଗାଟିଆଳପଦା କଲେଜରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

ବାଲେଶ୍ୱର ଜିଲା ଖଇରା ବ୍ଲକ ଗଣ୍ଡିବେଡ଼ସ୍ଥିତ କମଳା ଅର୍ଜୁନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ–ଓ ଆନୁକୂଲ୍ୟରେ ଅନୁଷ୍ଠିତ ସମନ୍ୱିତ ଯୁବବିକାଶ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ ବୁଧବାର ଆୟୋଜିତ ହୋଇଛି। ଅଧକ୍ଷ ଚିତ୍ତରଞ୍ଜନ ମୁଦୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ମଧୁସୂଦନ ଦାସ, ସମ୍ମାନନୀୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ବନିତା ପ୍ରଧାନ ଏବଂ ସମିତିସଭ୍ୟା ବାସନ୍ତୀ ମହାନ୍ତି ଯୋଗଦେଇ ବକ୍ତବ୍ୟ ରଖିବା ସହ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଉକ୍ତ ସଭାରେ ନୋଡାଲ ଅଧିକାରୀ ଜ୍ୟୋତିର୍ମୟ ପଣ୍ଡା ସ୍ୱାଗତ ଭାଷଣ, କ୍ରୀଡା ଅଧିକାରୀ ମନ୍ମଥ ପଣ୍ଡା ଅତିଥି ପରିଚୟ ଏବଂ ଅଧାପିକା ଜୟନ୍ତୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସାମାଜିକ କାର୍ଯ୍ୟକ୍ରମ ଅଧିକାରୀ ଅଧାପକ ଅମିତ କୁମାର ନାୟକ ଏବଂ ସାଂସ୍କୃତିକ ଅଧିକାରୀ ଅଧାପକ ଶଙ୍କର୍ଷଣ ଜେନା ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ଓ ସାମାଜିକ କର୍ମୀ ବିଶ୍ୱଭୂଷଣ ପ୍ରଧାନ, ରବୀନ୍ଦ୍ର ମହାନ୍ତି, ଅଧାପିକା ଜୟରାଣୀ ଘଡ଼ାଇ, ଜ୍ୟୋତ୍ସ୍ନାଞ୍ଜଳି ସାହୁ, କ୍ରୀଡା ଶିକ୍ଷକ ଗିରିଜାଶଙ୍କର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଓଲିଉଡ଼ ଗାୟିକା ଲିପ୍‌ସା ମହାପାତ୍ରଙ୍କ ଗୀତରେ କଲେଜ କ୍ୟାମ୍ପସ କମ୍ପିଥିଲା। ଏଥିରେ ସମସ୍ତ ଅଧାପକ, ଅଧାପିକା ଓ କର୍ମଚାରୀମାନେ ସହଯୋଗ କରିଥିଲେ।

### ପୁରାତନ ଛାତ୍ର ସଂସଦର ବାର୍ଷିକ ଉତ୍ସବ

ବାହାନଗା, ୨୮।୧୨ (ଅରୂପ୍ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ମଣିଭଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ପଞ୍ଚଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏନେଇ ଦିନତମାମ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଆୟୋଜିତ ସାଧାରଣ ସଭାରେ ସଭାପତିତ୍ୱ କରିଥିଲେ ପୁରାତନ ଛାତ୍ର ସଂସଦ ସଭାପତି କମଳାକାନ୍ତ ନାୟକ। ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ସୁଧାକର ନାୟକ ଯୋଗଦେଇ ପୁରାତନ ଛାତ୍ରୀଛାତ୍ରମାନେ ଏଭଳି କାର୍ଯ୍ୟକ୍ରମ କରିବା ଓ ବିଦ୍ୟାଳୟର ସମସ୍ତ ପୁରାତନ ଛାତ୍ର ବର୍ଷର ଏହି ଦିନରେ ଏକଜୁଟ୍ ହେବା ଉତ୍ତମ ପରମ୍ପରା ବୋଲି ପ୍ରକାଶ କରିଥିଲେ। ଏଭଳି କାର୍ଯ୍ୟକ୍ରମ ଫଳରେ ବିଦ୍ୟାଳୟ ପ୍ରତି ସେମାନଙ୍କର ଆନୁଗତ୍ୟ ରହିବା ସହିତ ବିଦ୍ୟାଳୟ ଉନ୍ନତି କରିବାରେ ଏକ ମାଧ୍ୟମ ପାଲଟିବ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ପବିତ୍ର ପାଣିଗ୍ରାହୀ ଯୋଗ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ବାହାନଗା ବିଡିଓ ରବୀନ୍ଦ୍ର କୁମାର ସେଠୀ, ବିଦ୍ୟାଳୟର ଆଲୁମ୍ନି ପୁରୁଷୋତ୍ତମ ବେହେରା ପ୍ରମୁଖ ଯୋଗଦେଇ ପ୍ରେରଣାଦାୟୀ ପରାମର୍ଶ ଦେଇଥିଲେ। ପରେ ବିଦ୍ୟାଳୟରେ ୮୦ ବର୍ଷର ଛାତ୍ର ମଣିଭଦ୍ର ବିଶ୍ୱାଳ, ରଘୁନାଥ ମହାନ୍ତି, ବନମାଳୀ ସେନାପତି, ନାରାୟଣ ପ୍ରସାଦ ସାହୁ ଏବଂ ମଧୁସୂଦନ ମଲ୍ଲିକଙ୍କ ସହ ନିକଟରେ ଶହୀଦ ହୋଇଥିବା ପ୍ରକାଶ କୁମାର ଶିଆଳଙ୍କ ବିଧବା ମା' ରତ୍ନମଣି ଶିଆଳଙ୍କୁ ବିଶେଷ ଭାବେ ସମ୍ମାନିତ କରାଯିବା ସହିତ ମାନପତ୍ର ପ୍ରଦାନ କରାଯାଇଥିଲା। ପରେ ଗତ ମାଟ୍ରିକ୍ ପରୀକ୍ଷାରେ ବିଦ୍ୟାଳୟର ସର୍ବୋଚ୍ଚ ନମ୍ବରଧାରୀ ଛାତ୍ର ବିଭୁଦତ୍ତ ଜେନାଙ୍କ ସହିତ ଏ–୧ ରେ ପାସ୍ କରିଥିବା ୪ଜଣ ଛାତ୍ର, ଓଡିଶାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ଏବଂ ରାଜ୍ୟରେ ଚିତ୍ରାଙ୍କନରେ ଦ୍ୱିତୀୟ ହୋଇଥିବା ଛାତ୍ରଙ୍କୁ ସମ୍ମାନିତ କରାଯାଇ ଥିଲା । ଏଥିରେ ସମ୍ପାଦକୀୟ ପାଠ କରିଥିଲେ ସରୋଜ କୁମାର ପଣ୍ଡା।

# କଂଗ୍ରେସର ପ୍ରତିଷ୍ଠା ଦିବସ

ରାଇରଙ୍ଗପୁର, ୨୮।୧୨ (ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁରସ୍ଥିତ କଂଗ୍ରେସ କାର୍ଯ୍ୟାଳୟ ପରିସରରେ ଗୁରୁବାର ଦଳର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ରାଇରଙ୍ଗପୁର ନଗର କମିଟି ଅଧ୍ୟକ୍ଷ ଅଶୋକ କୁମାର ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ପୂର୍ବତନ କଂଗ୍ରେସ ବିଧାୟକ ଲକ୍ଷ୍ମଣ ମାଝୀ ଏବଂ ଶ୍ୟାମ ଚରଣ ହାଁସଦାଙ୍କ ସମେତ ଦଳୀୟ ସମ୍ପାଦକ ହରିଚରଣ ସାହୁ, ଏସ୍‌ସି ସେଲ୍ ଅଧ୍ୟକ୍ଷ ଭାଗିରଥି ପାତ୍ର, ବସନ୍ତ କୁମାର ପଟ୍ଟନାୟକ, ସୁଶୀଲ କୁମାର ମହାନ୍ତି, ଏମ୍‌ଡି ଇନ୍ତେଖାନ, ଯୁବନେତା ରୂପକ କୁମାର ମହାନ୍ତି, କିଶୋର କୁମାର ମହାନ୍ତ, ମହିଳା ନେତ୍ରୀ ରାକ୍ଷୀ ପୂର୍ଣ୍ଣିମା ଡଗରା ଏବଂ ବହୁ ଦଳୀୟ କର୍ମୀ ଯୋଗ ଦେଇଥିଲେ। ଆଗାମୀ ୨୦୨୪ ନିର୍ବାଚନ ସକାଶେ ଦଳୀୟ ସଂଗଠନ ଉପରେ ଆଲୋଚନା କରାଯାଇଥିଲା।

# ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା



ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା।

ତିହିଡ଼ି, ୨୮।୧୨ (ସଞ୍ଜିତ ବଳ)

ନିଆରା ଢଙ୍ଗରେ ଝିଅ ପ୍ରିୟାଂଶୀର ଜନ୍ମଦିନ ପାଳିଛନ୍ତି ଭଦ୍ରକ ବିଜେଡ଼ି ଜିଲା ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ। ନିଜ ବାସଭବନ ପରିସରରେ ଗୁରୁବାର ଏକ ଉତ୍ସବର ଆୟୋଜନ କରି ବରିଷ୍ଠ ନାଗରିକ ମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଭଦ୍ରକ ଜିଲା ତିହିଡ଼ି ବ୍ଲକ୍ ସୟା ପଞ୍ଚାୟତ ଅଧୀନ ବାଂଶବାଗ ଗ୍ରାମର ଶୁଭେନ୍ଦୁଙ୍କ ଏହି ନିଆରା କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି। ଆୟୋଜିତ ସଭାରେ ବରିଷ୍ଠ ନାଗରିକ ସଂଘର ବ୍ଲକ୍ ସଭାପତି ଶିକ୍ଷାବିତ୍ ସୋମନାଥ ପାଢ଼ୀ ପୌରୋହିତ୍ୟ କରିଥିବା ବେଳେ ସମ୍ପାଦକ ବିଭୂତି ଭୂଷଣ ସେନାପତି ସଂଚାଳନ କରିଥିଲେ। ବରିଷ୍ଠ ବିଜେଡି ନେତା ସୁରେନ୍ଦ୍ର ନାୟକ, ଶିକ୍ଷାବିତ୍ ହରେକୃଷ୍ଣ ମହାକୁଡ, ମଥୁରାମୋହନ ବେହେରା, ଶୀତଳକୁମାର ବେହେରା, ଜଗନ୍ନାଥ ନାୟକ, ଗୟାଧର ବଳ, ବଳରାମ ସେନାପତି, ପି. ହୃଷିକେଶ, ପ୍ରଫୁଲ୍ଲ ପାଢ଼ୀ, ନିତ୍ୟାନନ୍ଦ ମଲ୍ଲିକ, ସୁଦର୍ଶନ ସ୍ୱାଇଁ, ଜୟଦେବ ଦାସ, ସୁରେନ୍ଦ୍ର ନାୟକ ପ୍ରମୁଖ ବକ୍ତବ୍ୟ ମାଧ୍ୟମରେ ଶ୍ରେୟାଂଶୀର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ଜିତେନ୍ଦ୍ର ମଲ୍ଲିକ ସ୍ୱାଗତ ଭାଷଣ ଏବଂ ମା ନିଶ୍ଚନ୍ତପୁର ସମବାୟ ସମିତି ସମ୍ପାଦିକା ଗୀତାଞ୍ଜଳି ଦାସ ଧନ୍ୟବାଦ ଦେଇଥିଲେ।

# ଓଜେଏସ୍ ପରୀକ୍ଷାରେ ଚେତନଙ୍କ ସଫଳତା

ବାରିପଦା, ୨୮।୧୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)



ଚେତନ ଲାଢ଼ା।

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଜେଏସ୍ ପରୀକ୍ଷାରେ ବାରିପଦାର ଚେତନ ଲାଢ଼ା ରାଜ୍ୟସ୍ତରରେ ୨୯ ର୍‍ୟାଙ୍କରେ ରହି କୃତକାର୍ଯ୍ୟ ହୋଇଛନ୍ତି। ପ୍ରଥମ ପ୍ରୟାସରେ ବିଫଳ ହେବାପରେ ଦ୍ୱିତୀୟ ପ୍ରୟାସରେ ଚେତନ ଏହି ସଫଳତା ପାଇବା ମୟୂରଭଞ୍ଜ ଜିଲା ତଥା ବାରିପଦା ଅଞ୍ଚଳ ପାଇଁ ଗୌରବ ଆଣିଦେଇଛି। ଚେତନ ବାରିପଦା ଦେଉଳସାହି ନିବାସୀ ମଦନ ଲାଢ଼ା ଓ ପୁଷ୍ପା ଲାଢ଼ାଙ୍କ ଏକମାତ୍ର ପୁତ୍ର ଅଟନ୍ତି। ପିତା ଜଣେ ବ୍ୟବସାୟୀ ହୋଇଥିବା ବେଳେ ମା' ଗୃହିଣୀ। ଚେତନ ତାଙ୍କର ଏହି ସଫଳତାର ଶ୍ରେୟ ନିଜ ପିତା ମାତା ଓ ଭଗବାନଙ୍କୁ ଦେଇଛନ୍ତି। ବାରିପଦାସ୍ଥିତ ଜାଭିୟର୍ସ ସ୍କୁଲରୁ ପାଠପଢ଼ା ଆରମ୍ଭ କରିଥିବା ବେଳେ ରାୟପୁରସ୍ଥିତ ହିଦାୟତୁଲ୍ଲା ଜାତୀୟ ଆଇନ ମହାବିଦ୍ୟାଳୟରୁ ସେ ଇଣ୍ଟିଗ୍ରେଟେଡ୍ ଆଇନରେ ଉତ୍ତୀର୍ଣ୍ଣ କହିଛନ୍ତି। କଠିନ ପରିଶ୍ରମ ହିଁ ତାଙ୍କୁ ଏହି ସଫଳତା ଆଣିଦେଇଛି ବୋଲି ସେ କହିଛନ୍ତି।

# ଓଜେଏସ୍‌ରେ ସୁଦତ୍ତାଙ୍କ କୃତିତ୍ୱ

କେନ୍ଦୁଝର, ୨୮।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ)



କୃତୀଛାତ୍ରୀ ସୁଦତ୍ତା ପାଣିଗ୍ରାହୀ।

କେନ୍ଦୁଝର ସଦର ବ୍ଲକ୍ ଶଙ୍କରପୁର ଗ୍ରାମର ସୁଦତ୍ତା ପାଣିଗ୍ରାହୀ ଓଡ଼ିଶା ଜୁଡିସିଆଲ ସର୍ଭିସ (ଓଜେଏସ)ରେ ୩୦ତମ ସ୍ଥାନ ରଖି କୃତକାର୍ଯ୍ୟ ହୋଇଛନ୍ତି। ସେ ଭୁବନେଶ୍ୱର ସୋଆ ବିଶ୍ୱବିଦ୍ୟାଳୟର ଜାତୀୟ ଲ ଇନଷ୍ଟିଚ୍ୟୁଟରୁ ଗ୍ରାଜୁଏସନ ସାରି ୟୁନିଭରସିଟି ଲ କଲେଜ, ଭୁବନେଶ୍ୱରରେ ପୋଷ୍ଟ ଗ୍ରାଜୁଏସନ କରିଛନ୍ତି। ତାଙ୍କ ବାପା ସଞ୍ଜିବ ପାଣିଗ୍ରାହୀ ତାରିଣୀ ଟି ଆଣ୍ଡ କୋଲ୍ଡଷ୍ଟୋରେଜର ମ୍ୟାନେଜିଂ ଡାଇରେକ୍ଟର ଥିବା ବେଳେ ମା' ସଂଯୁକ୍ତା ପାଣିଗ୍ରାହୀ ଜଣେ ଗୃହିଣୀ। ତାଙ୍କର ଏହି କୃତିତ୍ୱ ପାଇଁ ବିଭିନ୍ନ ଆଡୁ ଶୁଭେଚ୍ଛାର ବାର୍ତ୍ତା ଛୁଟୁଛି।

# ଜିଲା ପ୍ରଥମ ମଲ୍ଟି ସ୍ପେଶାଲିଟି ହସ୍ପିଟାଲକୁ ରାଷ୍ଟ୍ରୀୟ ମାନ୍ୟତା

କେନ୍ଦୁଝର, ୨୮।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସହରର ପ୍ରତିଷ୍ଠିତ ହିମା ହସ୍ପିଟାଲକୁ ଡାକ୍ତରଖାନା ଓ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ପାଇଁ ଜାତୀୟ ସ୍ୱୀକୃତି ମଣ୍ଡଳୀ (ଏନ୍‌ଏବିଏଚ) ପକ୍ଷରୁ ମାନ୍ୟତା ପ୍ରଦାନ କରାଯାଇଛି। ଜିଲାର ପ୍ରଥମ ମଲ୍ଟି ସ୍ପେଶାଲିଟି ହସ୍ପିଟାଲକୁ ଏହି ଜାତୀୟ ସମ୍ମାନ ମିଳିଛି। ରୋଗୀର ସୁରକ୍ଷା ଓ ରୋଗ ସଂକ୍ରମଣର ନିୟନ୍ତ୍ରଣ କ୍ଷେତ୍ରରେ ଉତ୍କୃଷ୍ଟ ମାନର ଚିକିତ୍ସା ପାଇଁ ଏହି ଗୌରବ ମାନ୍ୟତା ମିଳିଛି। ଡାକ୍ତର ଓ କର୍ମଚାରୀଙ୍କ ଅକ୍ଲାନ୍ତ ପରିଶ୍ରମର ଫଳସ୍ୱରୂପ ୨୦୧୮ରୁ ସେବା ପ୍ରଦାନ କରିଆସୁଥିବା ଏକ ଉନ୍ନତ ସେବା ପ୍ରଦାନକାରୀ ହସ୍ପିଟାଲ ଭାବରେ ପରିଗଣିତ ହୋଇ ଆସୁଥିବା ଡାକ୍ତରଖାନା ପକ୍ଷରୁ ଡା. ରଶ୍ମି ରଞ୍ଜନ ଭଞ୍ଜ କହିଛନ୍ତି। ଏହି ମାନ୍ୟତା ପାଇଁ ସବୁଆଡୁ ଶୁଭେଚ୍ଛାର ସୁଅ ଛୁଟୁଛି।

# ୩୬୦ ଭାଗ୍ୟଶାଳୀ ଉପଭୋକ୍ତାଙ୍କୁ ଆକର୍ଷଣୀୟ ପୁରସ୍କାର

### ଟିପିଏନ୍‌ଓଡିଏଲ୍ ପକ୍ଷରୁ ଶାରଦୀୟ ଅମୃତ କୁମ୍ଭ ବିଜେତା ଘୋଷଣା



ଟିପିଏନ୍‌ଓଡିଏଲ୍ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀ।

ବାଲେଶ୍ୱର, ୨୮।୧୨ (ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ଗୋଲେଇସ୍ଥିତ ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ (ଟିପିଏନଓଡିଏଲ) ପକ୍ଷରୁ 'ଶାରଦୀୟ ଅମୃତ କୁମ୍ଭ' ଅଫରର ଭାଗ୍ୟଶାଳୀ ବିଜେତାଙ୍କ ନାମ ଘୋଷଣା କରାଯାଇଛି। ଦୁର୍ଗାପୂଜା ଅବସରରେ ବିଦ୍ୟୁତ ଉପଭୋକ୍ତାଙ୍କ ପାଇଁ ଏହି ଅଫର ଉପଲବ୍ଧ କରାଯାଇଥିବା ବେଳେ ଲକି ଡ୍ର ମାଧ୍ୟମରେ ବିଜେତାଙ୍କ ନାମ ଘୋଷଣା କରାଯାଇଛି।

ଟିପିଏନଓଡିଏଲ ମୁଖ୍ୟାଳୟରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଭାସ୍କର ସରକାର ଅଧକ୍ଷତା କରି କହିଥିଲେ, ବାଲେଶ୍ୱର, ବାରିପଦା, କେନ୍ଦୁଝର, ଭଦ୍ରକ, ଯାଜପୁର ଆଞ୍ଚଳିକ କ୍ଷେତ୍ରରୁ ୪ଟି ବର୍ଗରେ ଭାଗ୍ୟଶାଳୀ ଉପଭୋକ୍ତାଙ୍କୁ ଚୟନ କରାଯାଇଛି। ପ୍ରତି ବର୍ଗରେ ୯୦ଜଣ ଲେଖାଏଁ ସମୁଦାୟ ୩୬୦ଜଣ ଉପଭୋକ୍ତା ପୁରସ୍କୃତ ହେବା ପାଇଁ ମନୋନୀତ ହୋଇଛନ୍ତି। ତେବେ ୫ ବୈଦ୍ୟୁତିକ କ୍ଷେତ୍ରରୁ ୨୦ଜଣ ପ୍ରଥମ ଉପହାରର ଭାଗ୍ୟଶାଳୀ ବିଜେତାଙ୍କୁ ମୋବାଇଲ ଫୋନ ପ୍ରଦାନ କରାଯିବାକୁ ଥିବାବେଳେ ଦ୍ୱିତୀୟ ଉପହାରରେ ୪୦ଜଣଙ୍କୁ ମିକ୍ସର ଗ୍ରାଇଣ୍ଡର, ତୃତୀୟ ସ୍ଥାନ ପାଇଁ ୧୦୦ ଜଣଙ୍କୁ ଇଣ୍ଡକ୍ସନ ଓଭନ ପ୍ରଦାନ କରାଯିବ। ସାନ୍ତ୍ୱନାମୂଳକ ବର୍ଗରେ ମଧ୍ୟ ୨୦୦ଜଣଙ୍କୁ ପୁରସ୍କାର ପ୍ରଦାନ କରାଯିବା ପାଇଁ ଲକି ଡ୍ର ମାଧ୍ୟମରେ ନାମ ଚୟନ କରାଯାଇଛି। ବିଭିନ୍ନ ସର୍କଲ କାର୍ଯ୍ୟାଳୟରେ ସେମାନଙ୍କୁ ପୁରସ୍କୃତ କରାଯିବ। ସେହିପରି ନୂଆବର୍ଷ ଉପଲକ୍ଷେ ବିଦ୍ୟୁତ ଉପଭୋକ୍ତାଙ୍କ ପାଇଁ ମଧ୍ୟ 'ନୂତନ ବର୍ଷ ଅମୃତ କୁମ୍ଭ' ଅଫର ଆରମ୍ଭ କରାଯାଇଛି। 'ବିଲ୍ ପେ ଆଣ୍ଡ ୱିନ୍' ଯୋଜନା ଅଧୀନରେ ଉପଭୋକ୍ତାମାନେ ବିଦ୍ୟୁତ ଦେୟ ପଇଠ କରି ଆକର୍ଷଣୀୟ ଉପହାର ଜିତିବାର ସୁଯୋଗ ପାଇପାରିବେ। କେବଳ ଶୂନ ବକେୟା ଥିବା ଉପଭୋକ୍ତାମାନଙ୍କୁ ଏହି ଉପହାର ପ୍ରଦାନ କରାଯିବ। 'ଲକି ଡ୍ର' ମାଧ୍ୟମରେ ପ୍ରତି ମାସରେ ୧୫୦ଜଣ ଭାଗ୍ୟଶାଳୀ ବିଜେତାଙ୍କୁ ଚୟନ କରାଯିବ। ଭାଗ୍ୟଶାଳୀ ବିଜେତାଙ୍କୁ ମୋବାଇଲ ଫୋନ୍ ମଧ୍ୟ ପ୍ରଦାନ କରାଯିବାକୁ ଥିବାବେଳେ ମାସ ଶେଷରେ ଶୂନ ବକେୟା ଥିବା ସମସ୍ତ ଉପଭୋକ୍ତା ଲକି ଡ୍ର ପାଇଁ ଯୋଗ୍ୟ ହେବେ ବୋଲି ସୂଚନା ଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ବାଣିଜ୍ୟ ବିଭାଗ ଓ ସିଏସଆର ମୁଖ୍ୟ ପ୍ରବୀନ କୁମାର ବର୍ମା, ଚିଫ କମର୍ସିଆଲ ରମେଶ କ୍ୱଲ, ଗ୍ରାହକ ସେବା ବିଭାଗ ମୁଖ୍ୟ ବିନୋଦ କୁମାର, ବିଲିଂ ବିଭାଗ ମୁଖ୍ୟ ବରୁଣ ଶର୍ମା, ବାଣିଜ୍ୟ ବିଭାଗ ମୁଖ୍ୟ ଶୁଭ୍ରଜ୍ୟୋତି ଦାସ, ଲୋକସମ୍ପର୍କ ଅଧିକାରୀ ଚିତ୍ତରଞ୍ଜନ ପ୍ରଧାନଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

ବାଲେଶ୍ୱର

- 'ଇଂରାଜୀରୁ ଅନୂଦିତ ନିର୍ବାଚିତ ଗଳ୍ପ'ର ଶୁଭ ପାଠକାର୍ପଣ। ସ୍ଥାନ: ନୃତ୍ୟ ସଙ୍ଗୀତ କଳା ମନ୍ଦିର। ସମୟ: ଅପରାହ୍ନ ୪ଟା।

ଭଦ୍ରକ

- 'ରାଜ୍ୟପାଳଙ୍କ ଭଦ୍ରକ ଗସ୍ତ, ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ, ସମୟ: ପୂର୍ବାହ୍ନ ୧୦.୩୦ରୁ ଅପରାହ୍ନ ୪ଟା।

## ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମାନବାଧିକାର ଉଲ୍ଲଘଂନ

**କେନ୍ଦୁଝର,୨୮।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ):** କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜଣେ ବ୍ୟକ୍ତିଙ୍କୁ ମାଡ଼ ମରାଯିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏକ ଘରୋଇ କମ୍ପାନୀରେ କାମ କରୁଥିବା ବିଭୂତି ଭୂଷଣ ଖେରାଙ୍କୁ ଗତକାଲି ମଧ୍ୟାହ୍ନରେ ଭୁବନେଶ୍ୱର ବସ୍‌ରେ ଯାଉଥିବାବେଳେ କିଛି ଲୋକ ତାଙ୍କୁ ବସରୁ ଓହ୍ଲାଇ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସାର୍ଟ ଚିରି ମାଡ ମାରି ପୋଲିସ ଜିମା ଦେଇଥିଲେ। ତେବେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମାଡ଼ ମାରି ପୋଷାକ ଚିରିବା ଘଟଣା ଅତ୍ୟନ୍ତ ନିନ୍ଦନୀୟ। ଏହା ଏକ ମାନବାଧିକାର ଉଲ୍ଲଘଂନ ଘଟଣା। ପୋଲିସ ଆବଶ୍ୟକ ପଦକ୍ଷେପ ନେବା ଜରୁରୀ ବୋଲି ବରିଷ୍ଠ ଆଇନଜୀବୀ ଦୈତାରୀ ଆପଟ୍ଟ କହିଛନ୍ତି। ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ। ଆଇନକୁ ହାତକୁ ନେବା ଏବଂ ଜଣେ କମ୍ପାନୀ କର୍ମଚାରୀଙ୍କୁ ଅଭିଯୁକ୍ତ ଦର୍ଶାଇ ସର୍ବସାଧାରଣ ସ୍ଥାନରେ ଆକ୍ରମଣ କରିବା କେତେ ଦୂର ଆଇନସଙ୍ଗତ ବୋଲି ଆପଟ୍ଟ କହିଛନ୍ତି।

## ଜାତୀୟ ମାନବାଧିକାର କମିଶନରେ ମାମଲା

### ପ୍ରସୂତିଙ୍କ ମୃତ୍ୟୁ ଘଟଣା

**କେନ୍ଦୁଝର,୨୮।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ):** କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାରେ ଡିସେମ୍ବର ୨୦ ତାରିଖରେ ଜଣେ ପ୍ରସୂତି ଓ ଜନ୍ମିତ ଶିଶୁଙ୍କ ମୃତ୍ୟୁ ଘଟିଥିଲା। ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନ ନିକଟରେ ଚିକିତ୍ସା ଅବହେଳାରୁ ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଛି। କୋରାପୁଟ ଜିଲାର ଆଇନଜୀବୀ ଅନୁପ କୁମାର ପାତ୍ର ଜାତୀୟ ମାନବାଧିକାର କମିଶନ ନିକଟରେ ଅଭିଯୋଗ କରିବା ପରେ କମିଶନ ଡାଏରୀ (ନଂ. ୨୧୨୨୪ /୨୦୨୩)ରେ ମାମଲାକୁ ଗ୍ରହଣ କରିଛନ୍ତି। ପୀଡ଼ିତାଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦେବାକୁ ରାଜ୍ୟ ସରକାରଙ୍କୁ ଆଦେଶ କରିବାକୁ ନିବେଦନ କରିଛନ୍ତି। ଏହି ଅର୍ଥ ଦୋଷୀ କର୍ମଚାରୀଙ୍କଠାରୁ ଆଦାୟ କରିବାକୁ ସେ କମିଶନଙ୍କୁ ନିବେଦନ କରିଛନ୍ତି।

## ବିଡିଓଙ୍କ କାର୍ଯ୍ୟାଳୟ ଆଗରେ ଖେଳାଳିଙ୍କ ଧାରଣା

**ପାଟଣା,୨୮।୧୨(ବୀର କିଶୋରଦାଶ):** ରାଜ୍ୟ ସରକାର ଗ୍ରାମାଞ୍ଚଳର ଲୁକ୍କାୟିତ ପ୍ରତିଭା ଓ ଯୁବ ଖେଳାଳିଙ୍କୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ନୂଆ ଓଡ଼ିଶା, ଯୁବ ଓଡ଼ିଶା, ନବୀନ ଓଡ଼ିଶା କ୍ରୀଡ଼ା ଉତ୍ସବ କାର୍ଯ୍ୟକ୍ରମରେ ଯୁବ ବିକାଶ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏ ନେଇ ଗ୍ରାମାଞ୍ଚଳରେ କ୍ରିକେଟ୍, ଫୁଟବଲ, ଭଲି, ଖୋ-ଖୋ ଭଳି ଖେଳର ଆୟୋଜନ କରୁଛନ୍ତି। ପାଟଣା ବ୍ଲକ୍ ପ୍ରଶାସନ ତରଫରୁ ବ୍ଲକ୍‌ର ୫ଟି ସ୍ଥାନରେ ମଙ୍ଗଳବାରଠାରୁ ଖେଳ ଆରମ୍ଭ ହୋଇଥିବା ବେଳେ କ୍ରୀଡ଼ା ଉତ୍ସବରେ ଅନିୟମିତତା, ଖେଳାଳୀଙ୍କୁ ଦୁର୍ବ୍ୟବହାର ଓ ବେଆଇନଭାବେ ଦଳକୁ ଖେଳରୁ ବଞ୍ଚିତ ନେଇ ବିଡିଓଙ୍କ କାର୍ଯ୍ୟାଳୟ ଆଗରେ ଗୁରୁବାର କ୍ରିକେଟ୍ ଖେଳାଳିମାନେ ଧାରଣା ଦେଇଥିଲେ। ଧାରଣା ସ୍ଥଳରେ ବିଡିଓ ଶିବ ଶଙ୍କର ମୁର୍ମୁ ପହଞ୍ଚି ଯୁବକଙ୍କୁ ବୁଝାସୁଝା କରିବା ପରେ ଆନ୍ଦୋଳନ ସ୍ଥଗିତ ରହିଥିଲା।

# ୧୪ ବର୍ଷ ହେଲା ବିଟ୍ ହାଉସ ଖାଲି

ଚମ୍ପୁଆ,୨୮।୧୨(ମହେଶ୍ୱର ଦାସ)


ଗଛଲତାରେ ଭରପୂର ବିଟ୍ ହାଉସ।

କେନ୍ଦୁଝର ଜିଲା ଚମ୍ପୁଆ ମୁଖ୍ୟାଳୟରେ ଥିବା ବନ ବିଭାଗର ବିଟ୍ ହାଉସ୍ କାମରେ ଲାଗିପାରୁନାହିଁ। ରହିବା ପାଇଁ କୋଠା ଉପଯୁକ୍ତ ନ ଥିବା ଆଳ ଦେଖାଇ କେହି କର୍ମଚାରୀ ୧୪ ବର୍ଷ ଧରି ଏଠାରେ ରହୁନାହାନ୍ତି। ଫଳରେ ଏହାର ଆନୁସଙ୍ଗିକ ବ୍ୟବସ୍ଥା ବିଗିଡ଼ିବାରେ ଲାଗିଛି। ଫଳରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ବିଟ୍‌ହାଉସ୍ ଏବେ ଜରାଜୀର୍ଣ୍ଣ ଅବସ୍ଥାକୁ ଆସିଲାଣି। ସୂଚନା ଅନୁଯାୟୀ, ଚମ୍ପୁଆ ବ୍ୟାଙ୍କ ଅଫ୍ ଇଣ୍ଡିଆ ସମ୍ମୁଖରେ ୨୦୦୯ରେ ତତ୍କାଳୀନ ରେଞ୍ଜରଙ୍କ ପ୍ରଚେଷ୍ଟାରେ ବନରକ୍ଷୀଙ୍କ ନିମନ୍ତେ ଏକ ବିଟ୍ ହାଉସ୍ ନିର୍ମାଣ କରାଯାଇଥିଲା। ନୂଆ ନୂଆ କିଛି ଦିନ ଏଠାରେ କର୍ମଚାରୀ ରହିଥିଲେ। ଏବେ ୧୪ ବର୍ଷ ଧରି ବିଟ୍

### ଜଙ୍ଗଲର ଭ୍ରମ ସୃଷ୍ଟି କରୁଛି ପରିସର

ହାଉସରେ କେହି ରହୁନାହାନ୍ତି। କେହି ନ ରହିବାରୁ ଏହାର ପରିସର ବଣ ବୁଦାରେ ଭରିଯାଇଥିବା ବେଳେ ପାଚେରି ଭାଙ୍ଗିଗଲାଣି। ଏ ନେଇ ଚମ୍ପୁଆ ବନାଞ୍ଚଳ ଅଧିକାରୀ ଅକ୍ଷୟ ଛତ୍ରିଆ କହିଛନ୍ତି, ପାନୀୟ ଜଳ ଓ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ କର୍ମଚାରୀମାନେ ରହୁନାହାନ୍ତି। ମାର୍ଚ୍ଚ ମାସ ସୁଦ୍ଧା ଅନୁଦାନ ଆସିଲେ ଏହାର ଭିତର ବାହାର ମରାମତି କରାଯିବା ସହ ପାଚେରି ନିର୍ମାଣ ଓ ଆନୁସାଙ୍ଗିକ ବ୍ୟବସ୍ଥା କରାଯାଇ କର୍ମଚାରୀଙ୍କୁ ସେଠାରେ ରଖାଯିବ।

## ଜାନୁୟାରୀରେ ଚୋରମରା ସେତୁ କାର୍ଯ୍ୟ ଶୁଭାରମ୍ଭ



ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ଓ ଅନ୍ୟମାନେ।

ରାଇବଣିଆ, ୨୮।୧୨(ନବୀନ ସାହୁ)

ଜଳେଶ୍ୱର ପୌରପାଳିକା ଅଫିସ୍ ପରିସରରେ ଏକ ଖବରଦାତା ସମ୍ମିଳନୀ କରି ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଜଳେଶ୍ୱରର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି।

ନିର୍ବାଚନମଣ୍ଡଳୀରେ ଦୁଇଟି ପୋଲ ପାଇଁ ହୋଇଥିବା ମଞ୍ଜୁର ଟଙ୍କାରେ ଦକ୍ଷିଣ ପ୍ରହରାଜପୁରରୁ ଗୋବରଘାଟା ସେତୁ ଗତ ଡିସେମ୍ବର ୨୪ରେ ଆରମ୍ଭ ହୋଇଛି ଏବଂ ଚୋରମରା ସେତୁ ଆସନ୍ତା ଜାନୁୟାରୀରେ କାର୍ଯ୍ୟ ଶୁଭାରମ୍ଭ ହେବ ବୋଲି କହିଥିଲେ। ଜଳେଶ୍ୱରର ବାଘାବାଳି ଛକଠାରୁ ରାଇବଣିଆ ଓଟି ରୋଡ ରାସ୍ତା ଏବଂ ପଶ୍ଚିମବଙ୍ଗଠାରୁ କୁଆଁରପୁର ଦୀର୍ଘ ୨୬ କି.ମି. ରାସ୍ତା ଆରଡି ବିଭାଗରୁ ଯାଇ ତାହା ପୂର୍ତ୍ତ ବିଭାଗ ଅଧୀନରେ ପହଞ୍ଚିଛି। ରାସ୍ତା ପାଇଁ ୯୩ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି ଏବଂ ଜଳେଶ୍ୱର ନୂଆ ବଜାରଠାରେ ଥିବା ରେଳ ଓଭରବ୍ରିଜ କାମ କେନ୍ଦ୍ର ଅବହେଳା ପାଇଁ ଶେଷ ହୋଇପାରୁନାହିଁ। ଆସନ୍ତା ଜାନୁୟାରୀ ସୁଦ୍ଧା କେନ୍ଦ୍ର ଅବଶିଷ୍ଟ ଟଙ୍କା ନ ଦେଲେ ମଧ୍ୟ ଜାନୁୟାରୀ ଶେଷ ସପ୍ତାହରେ କାର୍ଯ୍ୟ ଶେଷ ହେବ। ଜଳେଶ୍ୱରର ନୂତନ ବସଷ୍ଟାଣ୍ଡ ପାଇଁ ୫ ଏକର ଜାଗା ଏବଂ ଲକ୍ଷ୍ମଣନାଥଠାରେ ନୂତନ ଟ୍ରକ୍ ଟର୍ମିନାଲ ପାଇଁ ୧୫ ଏକର ଜାଗା ଏବଂ ନୂତନ ମାଛ ମାର୍କେଟ ପାଇଁ ୯୯ଲକ୍ଷ ୯୫ହଜାର ଟଙ୍କା ମଞ୍ଜୁର ହୋଇଛି। ଅଲାଳପୁରଠାରେ ଏକ ଗୋଶାଳା ପାଇଁ ୨.୩୭ ଏକର ଗୋଚର ଜାଗା ଚିହ୍ନଟ ସରିଛି। ଏଥିପାଇଁ ୫ କୋଟି ଟଙ୍କା ମଞ୍ଜୁର ହୋଇଛି ଏବଂ ଚାଳନ୍ତିଠାରେ ପଲିମରର ୩ଟି ଶିଳ୍ପ କାରଖାନା ସ୍ଥାପିତ ହେବ ବୋଲି ସରକାର ସ୍ଥିର କରିଛନ୍ତି। ଖବରଦାତା ସମ୍ମିଳନୀରେ ଜଳେଶ୍ୱର ବ୍ଲକ ଅଧ୍ୟକ୍ଷ ମାନସ ଜେନା, ପୌରପାଳିକା ଅଧ୍ୟକ୍ଷ ପ୍ରତିପ କୁମାର୍ ପ୍ରଧାନ, ପୌରାଉପାଧ୍ୟକ୍ଷ ପୁଷ୍ପପ୍ରିୟା କାମିଲା ଯୋଗ ଦେଇଥିଲେ।

## ଆଶା ଦେଖାଇଲା ସାରୁଗାଁ-ଦହିପୁର ରାସ୍ତା ଘୋଷଣା


ସାରୁଗାଁ-ସମସରପୁର ଭାୟା ଦହିପୁର ରାସ୍ତା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନା କରାଯାଉଛି।

ଖଇରା, ୨୮।୧୨(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ସାରୁଗାଁ ପଞ୍ଚାୟତର ଦହିପୁର ଗାଁ ଏକ ବିଚ୍ଛିନ୍ନାଞ୍ଚଳ ଭାବେ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଆସୁଥିଲା। ଉକ୍ତ ଗ୍ରାମର ୫ଶହରୁ ଊର୍ଦ୍ଧ୍ୱ ଗ୍ରାମବାସୀ ରାସ୍ତା ଅଭାବରୁ ବିଲ ହିଡରେ ଚାଲି ଚାଲି ଘରକୁ ଯାଉଥିଲେ। ଏଭଳିକି ଦହିପୁରରେ ଥିବା ସଂସ୍କୃତ କଲେଜକୁ ପିଲାମାନେ ବର୍ଷା ଋତୁରେ ୨କି.ମି. ପାଣି କାଦୁଅ ରାସ୍ତାରେ ଯିବା ପାଇଁ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିଲେ। ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ପ୍ରଚେଷ୍ଟାରେ ସାରୁଗାଁ-ସମସରପୁର ଭାୟା ଦହିପୁର ରାସ୍ତା ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ୨କୋଟି ୫୨ଲକ୍ଷ ଟଙ୍କା ପ୍ରଦାନ ମଞ୍ଜୁର କରାଯାଇଥିଲା। ଗୁରୁବାର ରାସ୍ତା ନିର୍ମାଣ ପାଇଁ ଭୂମି ପୂଜା ୫ଶହ ଗ୍ରାମବାସୀଙ୍କୁ ଆଶାର ଆଲୋକ ଦେଖାଇଛି। ଯୁବନେତା ଗୌତମ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଧାୟକ ପାଣିଗ୍ରାହୀ ବକ୍ତବ୍ୟରେ ଖଇରା ସିମୁଳିଆକୁ ବିକଶିତ କରି ଗଢି ତୋଳିବାକୁ ସେ ୯ବର୍ଷ ହେଲା ଆପ୍ରାଣ ଉଦ୍ୟମ କରୁଛନ୍ତି । ଆଗକୁ ମଧ ଏହି ପ୍ରକ୍ରିୟା ଜାରି ରହିବ। କେବଳ ଏହି ଦୁଇ ବ୍ଲକବାସୀଙ୍କ ଆଶୀର୍ବାଦ ଲୋଡା ବୋଲି କହିଥିଲେ। ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ପ୍ରାକ୍ତନ ଶିକ୍ଷକ ନେତା ଜିତେନ୍ଦ୍ର ବେହେରା, ସାମାଜିକ କର୍ମୀ ଜୟୀନାରାୟଣ ପଣ୍ଡା, ରବୀନ୍ଦ୍ର ବେହେରା, ଅନନ୍ତ ପ୍ରସାଦ ବାରିକ ପ୍ରମୁଖ ଯୋଗ ଦେଇ ଉକ୍ତ ରାସ୍ତା ଶେଷ ହେବା ପରେ ଏହା ଦହିପୁର ଓ ସମସରପୁର ୨ ଗ୍ରାମବାସୀଙ୍କ ଅର୍ଥନୈତିକ ସାମାଜିକ ପରିବର୍ତ୍ତନ ଘଟିବ। ଆର୍‌ଡି ସହକାରୀ ଯନ୍ତ୍ରୀ କେ. ଏମ୍. ସିଂ ଓ କନିଷ୍ଠଯନ୍ତ୍ରୀ ମନୋଜ ସେଣ୍ଠ ଉପସ୍ଥିତ ଥିଲେ। ସେହିଭଳି ୯କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ନଟାପଡା-ଔପଦା ରାସ୍ତାର ଭୂମିପୂଜନ କାର୍ଯ୍ୟ ବିଧାୟକ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି।

## ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଆରମ୍ଭ

**କଣ୍ଟିପାଳ,୨୮।୧୨(ସୁଶାନ୍ତ କୁମାର ସାହୁ):** କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ କଣ୍ଟିପାଳ ଯୁକ୍ତ ୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଶରତ କୁମାର ଜେନାଙ୍କ ସଂଯୋଜନାରେ ମୁଖ୍ୟ ଅତିଥିଭାବେ ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ ଯୋଗଦେଇ ରାଜ୍ୟ ସରକାର ଯୁବକମାନଙ୍କୁ ବିକାଶ ଧାରାରେ ସାମିଲ କରିବା ଲକ୍ଷ୍ୟରେ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ଏଭଳି ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଥିବା ପ୍ରକାଶ କରିଛନ୍ତି। ଶିକ୍ଷା ଓ ସ୍ୱାସ୍ଥ୍ୟର ବିକାଶ ରାଜ୍ୟର ବିକାଶ ଆଧାରରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ସେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଆନନ୍ଦପୁର ବିଡିଓ ଯୋଗରଞ୍ଜନ ନାୟକ, ତହସିଲଦାର ସଂଗ୍ରାମକେଶରୀ ଭଳ, ଆନନ୍ଦପୁର ବ୍ଲକ୍ ଅଧ୍ୟକ୍ଷା ଅଞ୍ଜନା ବାରିକ, ୨ ନଂ. ଜୋନ୍ ଜିଲାପରିଷଦ ସଭ୍ୟ ଜିତେନ୍ଦ୍ର ସାମଲ, ଆନନ୍ଦପୁର ବ୍ଲକ୍ ବିଜେଡି ସଭାପତି ରାମଚନ୍ଦ୍ର ପଲେଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

## ଆରମ୍ଭ ହେଲା ଜିଲାସ୍ତରୀୟ କ୍ରୀଡ଼ା


ଖେଳାଳିଙ୍କ ସହ ଅତିଥିମାନେ।

ଭଦ୍ରକ,୨୮।୧୨(ସନାତନ ରାଉତ)

ଭଦ୍ରକ କଲେଜ ପଡ଼ିଆରେ ଗୁରୁବାର ଯୁବ ଓଡ଼ିଶା ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଜିଲା କ୍ରୀଡ଼ା ଅଧିକାରୀ ପଦ୍ମନ ରାୟଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଅନ୍ୟତମ ଅତିଥି ଭାବେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ଜିଲାପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ପୁରାତନ ଛାତ୍ର ସଂସଦ ସମ୍ପାଦକ ଅଜୟ ନାୟକ, ଭଦ୍ରକ କଲେଜ ଅଧ୍ୟକ୍ଷ ଡ. ଦୁର୍ଗାପ୍ରସାଦ ଦାସ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। କ୍ରୀଡ଼ା ପ୍ରତିଯୋଗିତା ଦ୍ୱାରା ଛାତ୍ରୀଛାତ୍ରମାନଙ୍କର ଶାରୀରିକ ଓ ବୌଦ୍ଧିକ ବିକାଶ ହୋଇଥାଏ। ଏହି ପ୍ରତିଯୋଗିତା ଦ୍ୱାରା ଜିଲାରୁ ଯୋଗ୍ୟ ଖେଳାଳି ମନୋନୀତ ହୋଇ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇପାରିବେ ବୋଲି ବୋଲି ଅତିଥିମାନେ କହିଥିଲେ। ପ୍ରତିଯୋଗିତାରେ ଜିଲାର ବିଭିନ୍ନ ବ୍ଲକରୁ ଖେଳାଳିମାନେ ଭାଗ ନେଇଥିବା ବେଳେ ହକି, ଫୁଟବଲ, ଭଲିବଲ, ଖୋ ଖୋ, କବାଡ଼ି, କ୍ରିକେଟ ଆଦି ୬ ପ୍ରକାର ଖେଳ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ଦିବସରେ ହୋଇଥିବା କ୍ରିକେଟ ମ୍ୟାଚରେ ତିହିଡ଼ିକୁ ଲିଗ୍ ମ୍ୟାଚ ଓ ଫାଇନାଲରେ ଧାମନଗରକୁ ହରାଇ ଭଦ୍ରକ ଚାମ୍ପିଅନ ହୋଇଛି।

**ଶ୍ରୀ ହରଗୌରୀ ମହାଯଜ୍ଞ ଉତ୍ସବ**

## ବିଶ୍ୱଶାନ୍ତି ପାଇଁ ୧୦୮ ମଣ୍ଡପରେ ୧୨୦ ପଣ୍ଡିତ

ସିମୁଳିଆ, ୨୮।୧୨(ସନ୍ତୋଷ ନାୟକ)

ଶ୍ରୀ ଭଗବାନ ଦାଶ ଗୀତା ଜୟନ୍ତୀ ସମିତିର ୪୫ତମ ଲକ୍ଷାର୍ଚ୍ଚନା ମହାଯଜ୍ଞ ସମାରୋହ ସିମୁଳିଆ ବ୍ଲକର ସଦରମହକୁମା ମାର୍କୋଣାର ଶ୍ରୀ ନୀଳକଣ୍ଠେଶ୍ୱର ଅନ୍ନପୂର୍ଣ୍ଣା ମନ୍ଦିର ପଡିଆରେ ଅନୁଷ୍ଠିତ ହୋଇଥିଲା।

ଗ୍ରହନକ୍ଷତ୍ରମାନଙ୍କ ଚଳଣି ଅନୁସାରେ ଚଳିତବର୍ଷ ଶ୍ରୀ ହରଗୌରୀ ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ୧୦୮ ମଣ୍ଡପ, ୫ ଯଜ୍ଞକୁଣ୍ଡରେ ୧୨୦ଜଣ ପଣ୍ଡିତ ବିଶ୍ୱଶାନ୍ତି ଉଦ୍ଦେଶ୍ୟରେ ମହାଯଜ୍ଞରେ ଯୋଗ ଦେଇଥିଲେ। ମାର୍କୋଣା ଷ୍ଟେଶନ ବଜାରସ୍ଥିତ ସତ୍ୟନାରାୟଣ ମନ୍ଦିର ନିକଟରୁ ବିବିଧ ସମାରୋହରେ ଶ୍ରୀ ବିଗ୍ରହଙ୍କ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ପରେ ଯଜ୍ଞ ମଣ୍ଡପରେ ୧ ଲକ୍ଷ ଆହୁତି, ମହାମନ୍ତ୍ର, ବେଦ ଧ୍ୱନି, ନାରାୟଣ ସେବା, ପ୍ରବଚନ ଉତ୍ସବ ଆଦି ବୈଦିକ ପୂଜା ଅନୁଷ୍ଠିତ ହୋଇଥିଲା। ଶ୍ରୀ ନୀଳକଣ୍ଠେଶ୍ୱର ଅନ୍ନପୂର୍ଣ୍ଣାଙ୍କ ବିଧି ଉପଚାର ପୂଜା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ହୋତା ରୂପେ କୃଷ୍ଣଚନ୍ଦ୍ର ପତ୍ରୀ, ମୁଖ୍ୟ ପଣ୍ଡତ ରୂପେ ଦୟାନିଧି ପତ୍ରୀ, ଗଣନାଥ ପଣ୍ଡା, ବିଜୟ କୁମାର ଦାଶ, ଭାରତଭୂଷଣ ଦାଶ, ନିଶାକର ପାଣିଗ୍ରାହୀ ପ୍ରମୁଖ ଥିଲେ। ଅନୁଷ୍ଠାନ ସଭାପତି ହୃଷିକେଶ ପଣ୍ଡା, ସମ୍ପାଦକ ହରେକୃଷ୍ଣ ପଣ୍ଡାଙ୍କ ସମେତ କମିଟିର କର୍ମକର୍ତ୍ତାମାନେ ସହଯୋଗୀ ଥିଲେ।

## ମୟୂରଭଞ୍ଜ ମହୋତ୍ସବ କମିଟିର ବନ୍ଧୁମିଳନ

ଉଦଳା,୨୮।୧୨(ସନ୍ତୋଷ କୁମାର ବାଛିନୀ): ମୟୂରଭଞ୍ଜ ଜିଲାର କଳା, ସାଂସ୍କୃତିକ ଓ ଭାଇଚାରାର ବାର୍ତ୍ତା ବହନ କରି ଆସୁଥିବା ମୟୂରଭଞ୍ଜ ମହୋତ୍ସବ କମିଟିର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ କପ୍ତିପଦା ଉପଖଣ୍ଡର କାଳ ମଧମ ଜଳଭଣ୍ଡାରଠାରେ ଆୟୋଜିତ ହୋଇଯାଇଛି। ଏଥିରେ ଜିଲାର ବାରିପଦା, ବାମନଘାଟି, ପଞ୍ଚପୀଢ଼ ଓ କପ୍ତିପଦା ଉପଖଣ୍ଡରୁ ଶତାଧିକ ସଦସ୍ୟ ଯୋଗ ଦେଇଥିଲେ। ଯୁବ ସଙ୍ଗଠକ କଳିଙ୍ଗ କେଶରୀ ଜେନାଙ୍କ ପରିଚାଳନାରେ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ। ବିଶେଷ କରି ରାଜ୍ୟସଭା ସଦସ୍ୟା ମମତା ମହାନ୍ତ, ଜିଲା ପରିଷଦ ସଭାପତି ଭାରତୀ ହାଁସଦା, ବିଧାୟକ ରାଜକିଶୋର ଦାସ, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ପୂର୍ବତନ ବିଧାୟକ ଭାଦବ ହାଁସଦା, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ସମେତ ବିଶିଷ୍ଟ ଅଭିନେତା ଅସିତ ପତି, ଯଜ୍ଞ ନାରାୟଣ ମହାନ୍ତି, ସୁବାସ ଚନ୍ଦ୍ର ସାଏ, ପ୍ରବୀର ଚନ୍ଦ୍ର ସାଏ, ସଞ୍ଜୀବ ଦ୍ୱିବେଦୀ, କନିକା ବୋଷ , ସଞ୍ଜୀବ ରାଉତ, ବିପ୍ଳବ ବୁରୁଡ଼େଇ, ସବିତା ହାଁସଦା ପ୍ରମୁଖ ଯୋଗ ଦେଇଥିଲେ। ତାପସ ପାତ୍ରୀ, ହିମାଂଶୁ ପାଲ, ରବିନ ମହାନ୍ତି, ଜିତେନ୍ଦ୍ର ହେମ୍ବ୍ରମ, ସଞ୍ଜୟ ସିଂ, କାହ୍ନୁ ପରିଡ଼ା ପ୍ରମୁଖ ଆୟୋଜନରେ ସହଯୋଗ କରିଥିଲେ।

## କଂଗ୍ରେସ ପ୍ରତିଷ୍ଠା ଦିବସରେ ବାଇକ୍ ଶୋଭାଯାତ୍ରା

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ ବସ୍ତା(ହରିଶଙ୍କର ପାଢ଼ି), ୨୮।୧୨


ବାଇକ୍ ଶୋଭାଯାତ୍ରାରେ ସାମିଲ କଂଗ୍ରେସ କର୍ମୀ।

କଂଗ୍ରେସ ଦଳ ୧୩୯ତମ ପ୍ରତିଷ୍ଠା ଦିବସ ପାଳନ କରୁଥିବା ବେଳେ ବାଲିଆପାଳ ବ୍ଲକ କଂଗ୍ରେସ ପକ୍ଷରୁ ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଜନ ନୟକ ନେତୃତ୍ୱ ଓ ସଂସଦୀୟ ନେତା ନବଜ୍ୟୋତି ପଟ୍ଟନାୟକଙ୍କ ସହଯୋଗରେ ଗୁରୁବାର ଏକ ବିଶାଳ ଶୋଭାଯାତ୍ରା ବାଲିଆପାଳ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରୁ ବସ୍ତା ବ୍ଲକର ଗାନ୍ଧୀ ଛକଠାରେ ପହଞ୍ଚିଥିଲା। ଏହି ଅବସରରେ ସେଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। କଂଗ୍ରେସ ନେତୃତ୍ୱମାନେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତାଙ୍କ ସଭାପତିତ୍ୱ ଓ ଜିଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ତଥା ମୁଖ୍ୟ ମୁଖପାତ୍ର ସୁଧାଂଶୁ ଶେଖର ଜେନାଙ୍କ ପରିଚାଳନାରେ ସଭା ଅନୁଷ୍ଠିତ ହୋଇଥିଲା। କଂଗ୍ରେସ ଜିଲା ସଭାପତି ସଞ୍ଜୀବ ଗିରି ସଭାରେ ଯୋଗଦେଇ କଂଗ୍ରେସକୁ ତୃଣମୂଳ ସ୍ତରରୁ ମଜଭୁତ କରିବା ପାଇଁ ଆହ୍ୱାନ ଦେଉଥିଲେ। ଜିଲା କଂଗ୍ରେସ କମିଟିର ମୁଖ୍ୟ ମୁଖପାତ୍ର ସୁଧାଂଶୁ ଶେଖର ଜେନା ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। କଂଗ୍ରେସ ନେତା ରବିନାରାୟଣ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ରବୀନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା କଂଗ୍ରେସ କମିଟିର ଉପସଭାପତି ମନୋଜ କୁମାର ମହାନ୍ତି, ସରପଞ୍ଚ ଡ. ନଗେନ୍ଦ୍ର ସିଂ, ଜିଲା କିଶାନ କଂଗ୍ରେସ ସଭାପତି ଜୟନ୍ତ କୁମାର ମହାପାତ୍ର, ବରିଷ୍ଠ କଂଗ୍ରେସ ନେତା ମୁରଲୀ ମନୋହର ସାହୁ, ସରପଞ୍ଚ ଜଗନ୍ନାଥ ବିଶ୍ୱାଳ, ଜିଲା ପରିଷଦ ସଦସ୍ୟ ବାବାଜୀ ଦେହୁରୀ ମଞ୍ଚାସୀନ ଥିଲେ।

## ସାମାଜିକ କର୍ମୀ ନିତ୍ୟାନନ୍ଦଙ୍କ ସ୍ମୃତିଚାରଣ ସଭା

ଭଦ୍ରକ,୨୮।୧୨(ସନାତନ ରାଉତ)



ଜଣେ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ନିତ୍ୟାନନ୍ଦ ଦାସ ଫାଉଣ୍ଡେସନ ଆନୁକୂଲ୍ୟରେ ଭଦ୍ରକ ଗରଦପୁରରେ ସାମାଜିକକର୍ମୀ ନିତ୍ୟାନନ୍ଦ ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଅଧିବକ୍ତା ମନୋରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ପୌରାଧକ୍ଷା ଗୁଲ୍‌ମକ୍କି ହବିବ୍, ମୁଖ୍ୟବକ୍ତାଭାବରେ ବିଶିଷ୍ଟ ସାମାଜିକକର୍ମୀ ଏସ୍‌ଏମ୍ ଫାରୁକ, ଅନ୍ୟତମ ଅତିଥିଭାବେ ପୂର୍ବତନ ବିଧାୟକ ନରେନ ପଲାଇ, ବରିଷ୍ଠ ଭାଜପା ନେତା ଡା. ପ୍ରଦୀପ କୁମାର ନାୟକ ଏବଂ ହିନ୍ଦୁ ସୁରକ୍ଷା ସମିତିର ସଭାପତି ବିଦ୍ୟାଧର ସାହୁ ଯୋଗଦେଇ ନିତ୍ୟାନନ୍ଦ ଜଣେ ସରଳ, ନିଃସ୍ୱାର୍ଥପର, ପରୋପକାରୀ ସାମାଜିକକର୍ମୀ ଥିଲେ। ପୁରୁଣା ବଜାର ଅଞ୍ଚଳରେ ସାମ୍ପ୍ରଦାୟିକ ସଦ୍‌ଭାବ ରକ୍ଷା କରିବାରେ ତାଙ୍କର ପ୍ରମୁଖ ଭୂମିକା ଥିଲା ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭଦ୍ରକ ମୋହରିର ସଂଘର ସମ୍ପାଦକ ରାମଚନ୍ଦ୍ର ନାୟକ, ସାହିତ୍ୟିକ ବିଜୟ ବହଳି, ମୋଗଲ ତାମସାର କଳାକାର ପ୍ରଦୌତନ ସୁଆର, ରବିନାରାୟଣ ଯେନା, ନିହାର ସିଂହ, ମଧୁସୂଦନ ତ୍ରିପାଠୀ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ନିତ୍ୟାନନ୍ଦ ଫାଉଣ୍ଡେଶନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଧାଂଶୁ ମହାନ୍ତି ସଭା ପରିଚାଳନା କରିଥିଲେ।

## ନକ୍ ଆଉଟ ଫୁଟ୍‌ବଲ ଟୁର୍ନାମେଣ୍ଟ: ଶିରିଶପାଳ ଚାମ୍ପିୟନ

ପାଟଣା,୨୮।୧୨(ବୀର କିଶୋର ଦାଶ)


ଅତିଥିଙ୍କ ଗହଣରେ ଖେଳାଳି ଓ କମିଟି ସଦସ୍ୟମାନେ।

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଭୂଲୁଦା ୟୁନିୟନ କ୍ଲବ୍ ତରଫରୁ ଗାଁ ପଡ଼ିଆରେ ଅଷ୍ଟମ ନକ୍ ଆଉଟ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ମୋଟ ୧୬ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ଗୁରୁବାର ଶିରିଶପାଳ ଏକାଦଶ ସହ ବର୍ଦ୍ଧନା ଏକାଦଶ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯାଇଥିଲା। ଶିରିଶପାଳ ୧-୦ ଗୋଲରେ ବିଜୟୀ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ କ୍ଲବ୍‌ର ସଭାପତି ପିଙ୍କୁନ ନାଏକଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଜଗନ୍ନାଥ ନାଏକ, ସମ୍ମାନିତ ଅତିଥିଭାବେ ପାଟଣା ବ୍ଲକ୍ ଅଧ୍ୟକ୍ଷା ସୁକାନ୍ତି ନାଏକ, ୨୧ ନଂ. ଜୋନ ଜିଲା ପରିଷଦ ସଦସ୍ୟ ପ୍ରଫୁଲ୍ଲ ନାଏକ, ବିଜେଡି ଉତ୍ତର ଓଡ଼ିଶା ଜୋନ ସାଧାରଣ ସମ୍ପାଦକ ଦୀପକ ମଣ୍ଡଳ, ପାଟଣା ବ୍ଲକ୍ ଯୁବ ବିଜେଡି ସଭାପତି ରଘୁବର ମହାନ୍ତ, ସାମାଜିକ କର୍ମୀ ରବୀନ୍ଦ୍ର ନାଏକ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଦଳକୁ ନଗଦ ୨୦ ହଜାର ସହ ଟ୍ରଫି ଓ ଉପ ବିଜେତା ଦଳକୁ ୧୨ ହଜାର ସହ ଟ୍ରଫି ପ୍ରଦାନ କରିଥିଲେ। କ୍ଲବ୍‌ର ସମ୍ପାଦକ ଶିଶିର ନାଏକ ଧନ୍ୟବାଦ ଦେଇଥିଲେ। ଖେଳର ଧାରା ବିବରଣୀ ଅରୁଣ କୁମାର ମହାନ୍ତ ପ୍ରଦାନ କରିଥିଲେ। ସନ୍ତୋଷ ମହାକୁଡ଼ ରେଫରି କାର୍ଯ୍ୟ ତୁଲାଇଥିଲେ।

## 'ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ଚେତନାର ବିକାଶ ଜରୁରୀ'

ଭଦ୍ରକ,୨୮।୧୨(ରବି ନାରାୟଣ ଖିଲାର)



ବାର୍ଷିକୋତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

ଭଦ୍ରକସ୍ଥିତ ସାଇ ବିନାୟକ ଇଣ୍ଟରନ୍ୟାସନାଲ ସ୍କୁଲର ୨ୟ ବାର୍ଷିକ ଉତ୍ସବ ଅଧ୍ୟକ୍ଷ ଶିଶିର ରଞ୍ଜନ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବଣେଇଗଡ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ତଥା ବିଶିଷ୍ଟ ଲେଖକ ଲକ୍ଷ୍ମୀଧର ରାଉତ, ମୁଖ୍ୟବକ୍ତା ଭାବେ ପ୍ରବଚକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସମ୍ମାନୀତ ଅତିଥି ଭାବେ ବିନାୟକ ଆବାସିକ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଭାତ ପ୍ରଭାକର ପାଢୀ, ବିଦ୍ୟାଳୟର ଉପଦେଷ୍ଟା ନିତ୍ୟାନନ୍ଦ ଜେନା ଯୋଗ ଦେଇଥିଲେ। ବୌଦ୍ଧିକ ଚେତନାର ବିକାଶ ନ ଘଟିଲେ ଛାତ୍ର ଛାତ୍ରୀମାନଙ୍କର ଭବିଷ୍ୟତ ଉଜ୍ଜ୍ୱଳ ହୋଇ ପାରିବ ନାହିଁ ବୋଲି ମୁଖ୍ୟବକ୍ତା କହିଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ମନୋଜ କୁମାର ପାଢୀ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଚେୟାରମ୍ୟାନ ପ୍ରମୋଦ ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ଉକ୍ତ ସଭାରେ ସ୍କୁଲର

### ସାଇ ବିନାୟକ ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକୋତ୍ସବ

ପ୍ରେସିଡେଣ୍ଟ ଶୁଭଲକ୍ଷ୍ମୀ ପାଢୀ, ଟ୍ରଷ୍ଟି ପ୍ରମିଳା ରାଉତ ଯୋଗଦେଇ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଅତିଥିମାନେ ସାମାଜିକକର୍ମୀ ଅଳକା ଜେନା ଓ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ଛାତ୍ରଛାତ୍ରୀମାନେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ବ୍ୟବସାୟୀଙ୍କ ଘରେ ଜିଏସ୍‌ଟି ଚଢ଼ାଉ

ମୋରଡ଼ା,୨୮।୧୨(ସ୍ୱାରକ ମାଜୀ)- ଟିକସ ଫାଙ୍କିବା ଅଭିଯୋଗରେ ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକର ଜଣେ ପ୍ରତିଷ୍ଠିତ ବ୍ୟବସାୟୀଙ୍କ ଘରେ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ଟିମ୍ ଚଢ଼ାଉ କରିଛି। ସୂଚନା ଅନୁଯାୟୀ, ଜିଏସ୍‌ଟି ବିଭାଗର ଡେପୁଟି କମିଶନର କୁଳମଣି ମଲ୍ଲିକ ଏବଂ ସହକାରୀ କମିଶନର ହରିଶ୍ଚନ୍ଦ୍ର ନାଏକଙ୍କ ନେତୃତ୍ୱରେ ବାରିପଦା ଓ ବାଲେଶ୍ୱରର ୪ ଏନ୍‌ଫୋର୍ସମେଣ୍ଟ ଟିମ୍ ମିଳିତ ଭାବେ ବ୍ୟବସାୟୀ ମୁଚିରାମ ବେହେରାଙ୍କ ମୋରଡାସ୍ଥିତ ଘର,ବଳଦିଆ ଗ୍ରାମରେ ଥିବା ଇଟାଭାଟି ଏବଂ ବାଘଡାରେ ଥିବା ଫ୍ଲାଇଆସ ଇଟାଭାଟି ଉପରେ ଏକକାଳୀନ ଚଢ଼ାଉ କରିଥିଲେ। ତେବେ ଖବର ଲେଖାହେବା ସୁଦ୍ଧା ଚଢ଼ାଉ ଜାରି ରହିଥିବାରୁ ସବିଶେଷ ବିବରଣୀ ମିଳିପାରିନାହିଁ।

### ମୋବାଇଲ ପାଇଁ ଭଉଣୀ-ଭାଇ ଝଗଡ଼ା
### ରଶି ଲଗାଇ ଝୁଲିପଡ଼ିଲେ ଭଉଣୀ

ସୋର, ୨୮।୧୨(ଜନ୍ମେଜୟ ମିଶ୍ର)- ସୋର ଥାନା ଦହିସଡା ପଞ୍ଚାୟତ ଜଗନ୍ନାଥପୁର ଗ୍ରାମରେ ଜଣେ ଯୁବତୀ ଫ୍ୟାନରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଗୁରବାର ପୂର୍ବାହ୍ଣରେ ମୋବାଇଲ ଫୋନ ନେଇ ଭାଇ ଭଉଣୀଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏଥିରେ ଭଉଣୀ ଶୋଇବା ଘରେ ଫ୍ୟାନରେ ବେକରେ ରଶି ବାନ୍ଧି ଝୁଲି ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ଏକ ମାମଲା(ନଂ.୧୦୧/୨୩) ରୁଜୁ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଶିଶୁ ସାହିତ୍ୟିକଙ୍କ ସ୍ମୃତିଚାରଣ ସଭା

କେନ୍ଦୁଝର,୨୮।୧୨(ଦୀପକ ମିଶ୍ର) ଶିଶୁ ସାହିତ୍ୟିକ ଚିତ୍ତରଞ୍ଜନ ପଟ୍ଟନାୟକଙ୍କ ପ୍ରଥମ ପୁଣ୍ୟତିଥିରେ ସ୍ମୃତିଚାରଣ ସଭା କେନ୍ଦୁଝର ସଦର ବ୍ଲକ୍ ନରଣପୁରଠାରେ ଅନୁଷ୍ଠିତ ହୋଇଯାଇଛି। କବି ଦେବାଶିଷ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ସାହିତ୍ୟିକ ଡ. ରାମଚନ୍ଦ୍ର ନାୟକ ଯୋଗଦେଇ ଚିତ୍ତରଞ୍ଜନ ନିଜ ସାଧନା କ୍ଷେତ୍ରରେ କୋମଳମତି ଶିଶୁମାନଙ୍କର ପଠନ ଆବେଗ ବୃଦ୍ଧି ପାଇଁ ବହୁ ଶ୍ରମ ଓ ତ୍ୟାଗ ସ୍ୱୀକାର କରି ପିଲାଙ୍କ ସାହିତ୍ୟକୁ ସମୃଦ୍ଧ କରିଯାଇଛନ୍ତି ବୋଲି କହିଥିଲେ। କବି ପିନାକୀ ମିଶ୍ର, ଗବେଷକ ନିରଞ୍ଜନ ବାରିକ, ଜିତେନ୍ଦ୍ର ପରିଡ଼ା, କୃଷ୍ଣଚନ୍ଦ୍ର ମହାନ୍ତି, ଅକ୍ଷୟ ବାରିକ, ଗବେଷକ ଉମ୍ବରୁଧର ମହାନ୍ତ, ନାରାୟଣ ନାଏକ, ଇନ୍ଦୁମତୀ ପାତ୍ର ପ୍ରମୁଖ ଯୋଗଦେଇଥିଲେ। କବି ଦେବାଶିଷ ଚକ୍ରବର୍ତ୍ତୀ ଓ ଶରତ ଜେନାଙ୍କ ମିଳିତ ସମ୍ପାଦନାରେ ପ୍ରକାଶିତ ଚିତ୍ତରଞ୍ଜନଙ୍କ ସ୍ମୃତି ପୁସ୍ତିକା 'ଚିରଞ୍ଜୀବୀ' ଉନ୍ମୋଚିତ ହୋଇଥିଲା।ଚିତ୍ତରଞ୍ଜନଙ୍କ ପୁତ୍ର ଦେବଦତ୍ତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ବାରିପଦା ସହରରେ ବ୍ରାଉନସୁଗାର କାରବାର

■୫୩ ଗ୍ରାମ୍ ବ୍ରାଉନସୁଗାର ଜବତ,୩ ଗିରଫ
■ଆପରାଧିକ ମାମଲାରେ ୫ କୋର୍ଟଚାଲାଣ

ବାରିପଦା,୨୮।୧୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)


ବ୍ରାଉନସୁଗାର କାରବାରରେ ଗିରଫ ୩ ଅଭିଯୁକ୍ତ।

ବାରିପଦା ସହରରେ ବ୍ରାଉନସୁଗାର କାରବାର ଓ ଆପରାଧିକ ମାମଲାରେ ଜଡ଼ିତ ୮ ଅଭିଯୁକ୍ତଙ୍କୁ ଟାଉନ ଥାନା ପୋଲିସ ଗିରଫ ପରେ କୋର୍ଟ ଚାଲାଣ କରିଛି। ଶୂନଗଡ଼ିଆ ଗଳାପୋଲ ନିକଟରେ ବ୍ରାଉନସୁଗାର କାରବାର ଚାଲିଥିବା ଖବର ପାଇ ପୋଲିସ ଚଢ଼ାଉକରି ୩ ଅଭିଯୁକ୍ତଙ୍କୁ ଧରିଥିଲା। ସେମାନେ ହେଲେ ଅଜିତ ବେହେରା, କବିତା ବେହେରା ଓ ଫୁକୁଲୁ ମୁଖୀ। ସେମାନଙ୍କଠାରୁ ୫୩ ଗ୍ରାମ ବ୍ରାଉନସୁଗାର, ୫ ମୋବାଇଲ ଓ ୨୫୦୦ଟଙ୍କା ଜବତ ହୋଇଛି। ଜବତ ବ୍ରାଉନ ସୁଗାରର ଆନୁମାନିକ ମୂଲ୍ୟ ୫ ଲକ୍ଷ ଟଙ୍କା ହେବ ବୋଲି ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ଏସ୍.ସୁଶ୍ରୀ ପ୍ରକାଶ କରିଛନ୍ତି। ସେହିପରି ଆପରାଧିକ ମାମଲାରେ ଜଡ଼ିତ ୫ ଅଭିଯୁକ୍ତଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଟାଉନ ଥାନା ଅଧୀନ ତୁଳସୀଚଉରା ଅଞ୍ଚଳର ବିକ୍ରମ ନାଏକ, କାଳିକାପୁର ଅଞ୍ଚଳର ଜିତୁ ମୁଖୀ ଓ ବିଜୁ ଘଡେଇ, ଦେବେନ୍ଦ୍ରପୁର ଅଞ୍ଚଳର ଅଭିଷେକ ପାତ୍ର ଏବଂ ଡିପାସାହି ଅଞ୍ଚଳର ଗୋପୀନାଥ ଗିରି। ସେମାନଙ୍କଠାରୁ ମାରଣାସ୍ତ୍ର ସହ ଚୋରି ମୋବାଇଲ, ସୁନା ଅଳଙ୍କାର ଓ ଲାପ୍‌ଟପ୍ ଜବତ ହୋଇଛି।

ସହରରେ ଚୋରି, ଛିନ୍ତାଇ ଭଳି ଘଟଣା ପ୍ରତିଦିନ ଘଟିଚାଲିଛି। ଦିନ ଦ୍ୱିପ୍ରହର ଓ ରାତିରେ ବିଭିନ୍ନ ସ୍ଥାନରେ ଚୋରି ହେବା ନେଇ ଥାନାରେ ଅଭିଯୋଗ ହୋଇଆସୁଛି। ସହରର ଦେବେନ୍ଦ୍ରପୁର, ଡିପାସାହି, ପ୍ରଫୁଲ୍ଲନଗର ଆଦି ଅଞ୍ଚଳରେ ପ୍ରତିଦିନ ଚୋରି ବୃଦ୍ଧି ପାଉଥିଲା। ଏନେଇ ଟାଉନ ଥାନାଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନ ଏକ ଟିମ୍ ଗଠନକରି ପାଟ୍ରୋଲିଂକୁ କଡ଼ାକଡ଼ି କରିବା ସହ ଯାଞ୍ଚ ଆରମ୍ଭ କରିଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ପାଟ୍ରୋଲିଂ ସମୟରେ ସହରର ଡିପାସାହି ନିକଟସ୍ଥ ନର୍ସିଂ ତାଲିମ କେନ୍ଦ୍ର ଛକରେ ସନ୍ଦେହଜନକ ଅବସ୍ଥାରେ ବୁଲୁଥିବା ୫ଜଣଙ୍କୁ ପୋଲିସ ଅଟକ ରଖି ଯାଞ୍ଚ କରିଥିଲା। ପରେ ସେମାନଙ୍କଠାରୁ ବିଭିନ୍ନ ଚୋରି ସାମଗ୍ରୀ ଜବତ ହୋଇଥିଲା। ସେମାନେ ପେସାଦାର ଅପରାଧୀ ବୋଲି ପୋଲିସ ତଦନ୍ତରୁ ଜଣାପଡ଼ିଛି। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା (ନଂ.୭୯୧/୨୩)ରୁଜୁ କରିଛି। ସେହିପରି ଶୂନଗଡ଼ିଆ ଅଞ୍ଚଳରେ ବ୍ରାଉନସୁଗାର ପୁଡ଼ିଆ ପ୍ରସ୍ତୁତି ଚାଲିଥିବା ବେଳେ ପୋଲିସ ୨ ମହିଳାଙ୍କ ସମେତ ୩ ଜଣଙ୍କୁ ଗିରଫ କରିଥିଲା। ଜଳେଶ୍ୱର ଅଞ୍ଚଳରୁ ବ୍ରାଉନସୁଗାର ଆଣି ବିକ୍ରି କରୁଥିବା ଅଭିଯୁକ୍ତମାନେ ପୋଲିସ ଆଗରେ ପ୍ରକାଶ କରିଛନ୍ତି। ଏ ନେଇ ଥାନାରେ ଅନ୍ୟ ଏକ ମାମଲା (ନଂ.୭୯୬/୨୩)ରୁଜୁହୋଇଛି।

# ୪ ହାଇୱେ ଲୁଟେରା ଗିରଫ


ଗିରଫ ୪ ଲୁଟେରା।

ଭଦ୍ରକ, ୨୮।୧୨(ସନାତନ ରାଉତ)

ବୁଧବାର ବିଳମ୍ବିତ ରାତିରେ ଚରମ୍ପା ଅଞ୍ଚଳରେ ଲୁଟେରାମାନେ ଲୁଟ୍ କରିବା ପାଇଁ ଯୋଜନା କରୁଥିବା ବେଳେ ଭଦ୍ରକ ଗ୍ରାମାଞ୍ଚଳ ପୋଲିସ ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରିଛି।

ସୂଚନା ଅନୁଯାୟୀ, ଚରମ୍ପା ଅଞ୍ଚଳର ଏକ ଲୁଟେରା ଟିମ୍ ଅଟୋ ଯୋଗେ ୧୬ ନଂ. ଜାତୀୟ ରାଜପଥ ଓ ଏହାର ଆଖପାଖ ଅଞ୍ଚଳରେ କିଛିଦିନ ଧରି ଲୁଟ୍ କରି ଚାଲିଥିଲେ। ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ରାଣୀତାଲ ନିକଟରେ ବୁଧବାର ରାତିରେ ଲୁଟ୍ ପାଇଁ ଯୋଜନା କରୁଥିଲେ। ସେହି ସମୟରେ ଗ୍ରାମାଞ୍ଚଳ ପୋଲିସ ପହଞ୍ଚି ଅଟୋ ଓ ଏକ ପଲସର୍ ବାଇକ୍ ଜବତ କରିବା ସହ ୪ଜଣଙ୍କୁ ଗିରଫ କରିଥିବା ବେଳେ ଜଣେ ଫେରାର ହୋଇଯାଇଥିଲେ। ସେମାନଙ୍କ ନିକଟରୁ ୩ଟି ତେଲଙ୍ଗା କଟୁରି, ଗୋଟିଏ ଖୁର, ୨ଟି ମୋବାଇଲ ଜବତ କରାଯାଇଛି। ଏହି ଲୁଟେରା ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ ଗ୍ରାମାଞ୍ଚଳ ଥାନା ଅଧୀନ ବିଶାଣୀଖରିଦା ଅଞ୍ଚଳର ଜଗନ ପ୍ରସାଦ ନାୟକ, କୁନ୍ତଳା ଅଞ୍ଚଳର ଅଜୟ ସୋନା ଓ ଧୂମା ବାସ୍କେ, ଏରେଇଁ ଅଞ୍ଚଳର ରାମ ଗୁଡୁଙ୍କୁ ପୋଲିସ ଗିରଫ ପରେ କୋର୍ଟଚାଲାଣ କରିଛି। ଏନେଇ ଏକ ମାମଲା (ନଂ. ୭୬୯/୨୩) ରୁଜୁ କରି ଅଧିକ ତଦନ୍ତ ଚଳାଇଥିବା ଥାନାଧିକାରୀ ଅମିତାଭ ଦାଶ ସୂଚନା ଦେଇଛନ୍ତି।

# ଔପଦାରେ ଭାଜପାର ବନ୍ଧୁମିଳନ, ମହାମିଶ୍ରଣ


ଭାଜପାର ମିଶ୍ରଣ ପର୍ବ।

ଔପଦା, ୨୮।୧୨(ଧରିତ୍ରୀ ପଣ୍ଡା)

ଔପଦା ବ୍ଲକ ନିକଟ ହାଇସ୍କୁଲ ପଡ଼ିଆରେ ଭାଜପା ପକ୍ଷରୁ ବନ୍ଧୁମିଳନ ଓ ମହାମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତିଆଦର୍ଶରେ ଅନୁପ୍ରାଣିତ, ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ କର୍ତ୍ତବ୍ୟନିଷ୍ଠା ଓ ବିଧାୟକ ଇଂ. ସୁକାନ୍ତ କୁମାର ନାୟକଙ୍କ ବିକାଶଧାରାକୁ ପାଥେୟ କରି ରାଇରମଚନ୍ଦ୍ରପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଉଦୟ କୁମାର ସ ଶତାଧିକ ସମର୍ଥକ ଏବଂ କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ସେହିପରି ତଳକିଆ ପଞ୍ଚାୟତର ଶିକ୍ଷାବିତ୍ ଅବସରପ୍ରାପ୍ତ ବିଇଓ ପିତାମ୍ବର ବାରିକଙ୍କ ବଳିଷ୍ଠ ନେତୃତ୍ୱରେ ଅନୁପ୍ରାଣିତ ହୋଇ ଭାଜପାରେ ମିଶିଛନ୍ତି। ଫତେପୁର ପଞ୍ଚାୟତର ଅବସରପ୍ରାପ୍ତ ଅଧକ୍ଷ ମହେଶ୍ୱର ମିଶ୍ରଙ୍କ ସହ ଅଘିରାପଦା ପଞ୍ଚାୟତର ବିଭିନ୍ନ ଦଳରୁ ନେତା ଓ କର୍ମୀମାନେ ଭାଜପାରେ ସାମିଲ ହୋଇଛନ୍ତି। ଏମ୍‌ପି ଓ ବିଧାୟକ ନବାଗତମାନଙ୍କୁ ଦଳକୁ ସ୍ୱାଗତ କରିଛନ୍ତି। ଔପଦା ଭାଜପା ମଣ୍ଡଳ ସଭାପତି ଲକ୍ଷ୍ମୀକାନ୍ତ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଏମ୍‌ପି ଷଡ଼ଙ୍ଗୀ ଯୋଗ ଦେଇଥିଲେ। ବିଧାୟକ ନାୟକ ପୂର୍ବତନ ପ୍ରଧାନମନ୍ତ୍ରୀ ବାଜପେୟୀ ନାରୀମାନଙ୍କୁ ସ୍ୱାବଲମ୍ବୀ କରିଥିବା ବେଳେ ରାଜ୍ୟ ସରକାର ଶୋଷଣ କରୁଥିବା ବକ୍ତବ୍ୟରେ କହିଥିଲେ। ଭାଜପା ନେତା କରୁଣାକର ପଣ୍ଡା ଉପସ୍ଥିତ ଥିଲେ। ବନ୍ଧୁମିଳନ ଓ ମିଶ୍ରଣ ପର୍ବରେ ବରିଷ୍ଠ ନେତା ନିରଞ୍ଜନ ମହାନ୍ତି, ଉପେନ୍ଦ୍ର ପ୍ରସାଦ ପଣ୍ଡା, ଶାନ୍ତିଲତା ଲେଙ୍କା, ଭାଗବତ ଖିଲାର, ଜିତେନ୍ଦ୍ର ବିଶ୍ୱାଳ, ପ୍ରମୋଦ କୁମାର ବେହେରା, ହରିହର ମହଲା, ପର୍ଶୁରାମ ଲେଙ୍କା, ବିନୟ କୁମାର ପଟ୍ଟନାୟକ, ଅଜୟ କୁମାର ପ୍ରଧାନ ଓ ଭାସ୍କର ଖିଲାର ପ୍ରମୁଖ ରାଜ୍ୟରେ ଚାଲିଥିବା କୁଶାସନ ବିରୋଧରେ ବକ୍ତବ୍ୟ ରଖିଥିଲେ। ଏହି ମିଶ୍ରଣ ପର୍ବରେ ରାଇରମଚନ୍ଦ୍ରପୁର ପଞ୍ଚାୟତରୁ ୱାର୍ଡସଭ୍ୟ ରମେଶ ପାତ୍ର, ଗୋପୀନାଥ ବାରିକ, ସଭ୍ୟା ସୁମତୀ ପାତ୍ର, ପୂର୍ବତନ ୱାର୍ଡସଭ୍ୟା ନାଦୀ ସିଂ, ପୂର୍ବତନ ୱାର୍ଡସଭ୍ୟ ଜଗବନ୍ଧୁ ନାୟକ ଓ ବସନ୍ତ କୁମାର ପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

## ବାଇକ୍ ଦୁର୍ଘଟଣାରେ ଜୀବନଗଲା

ଆଗରପଡ଼ା, ୨୮।୧୨(ସୁଶାନ୍ତ ଦାଶ)

ଭଦ୍ରକ ଜିଲା ଆଗରପଡ଼ା ଥାନା ଅଧୀନ ମହାନ୍ତିପଡ଼ା-ରଟିଣା ରାସ୍ତାରେ ଗୁରୁବାର ବାଇକ୍ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ମହାନ୍ତିପଡ଼ା ଗ୍ରାମର ଅକ୍ଷୟ କୁମାର ଦାସ(୩୮) ଓ ସ୍ମୃତିରଞ୍ଜନ ସାହୁ (୩୫) ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ରଟିଣାରୁ ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ମହାନ୍ତିପଡ଼ାଠାରୁ କିଛି ଦୂରରେ ନିୟନ୍ତ୍ରଣ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଅକ୍ଷୟଙ୍କର ମୃତ୍ୟୁ ହୋଇଥିବା ବେଳେ ସ୍ମୃତିରଞ୍ଜନ ଗୁରୁତର ହୋଇଥିଲେ। ୧୦୮ ଆମ୍ବୁଲାନ୍ସରେ ଉଭୟଙ୍କୁ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିବା ବେଳେ ମେଡିକାଲରେ ଅକ୍ଷୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ କୁମାର ସାମଲ ଆଗରପଡ଼ାରେ ପହଞ୍ଚି ମୃତକଙ୍କ ପରିବାରକୁ ଆଶ୍ୱାସନା ଦେବା ସହ ଶବ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ସହ ଯୋଗାଯୋଗ କରିଥିଲେ।

# ଜୟାଲକ୍ଷ୍ମୀ ମହାନ୍ତି ନବରତ୍ନ ଉପାଧିରେ ସମ୍ମାନିତ


ଡ. ଜୟାଲକ୍ଷ୍ମୀ ମହାନ୍ତିଙ୍କୁ ସମ୍ମାନିତ କରାଯାଉଛି।

ରାଇରଙ୍ଗପୁର,୨୮।୧୨(ମାନସ ମହାନ୍ତି )

ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ପକ୍ଷରୁ ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅଞ୍ଚଳର ଡ. ଜୟାଲକ୍ଷ୍ମୀ ମହାନ୍ତିଙ୍କୁ ନବରତ୍ନ ଉପାଧିରେ ସମ୍ମାନିତ କରାଯାଇଛି। କଟକସ୍ଥିତ କଳା ବିକାଶ କେନ୍ଦ୍ରପରିସରରେ ସୋମବାର ଆୟୋଜିତ ପ୍ରତିଭା ପୂଜା ଓ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ସମାରୋହରେ ତାଙ୍କୁ ଏହି ସମ୍ମାନରେ ସମ୍ମାନୀତ କରାଯାଇଛି। ଡ.ଜୟାଲକ୍ଷ୍ମୀ ରାଇରଙ୍ଗପୁର ଧରିତ୍ରୀ ଖବରଦାତା ମାନସ ରଞ୍ଜନ ମହାନ୍ତିଙ୍କ ଝିଆରୀ ତଥା ବଡ଼ଭାଇ ମନୋରଞ୍ଜନ ମହାନ୍ତି ଓ ଡା. ପି.ଏସ୍. ମାଣିକେଶ୍ୱରୀଙ୍କ ଝିଅ। ଶିକ୍ଷା ଓ ସମାଜ ସେବକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ଡ.ଜୟାଲକ୍ଷ୍ମୀଙ୍କୁ ଏହି ନବରତ୍ନ ଉପାଧି ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ହାଇକୋର୍ଟର ଅବସରପ୍ରାପ୍ତ ଜଷ୍ଟିସ ଏଏସ୍. ନାଇଡୁ, ପୂର୍ବତନ ଏମ୍‌ପି ଡ.ପ୍ରସନ୍ନ ପାଟ୍ଟଶାଣୀ, କଟକ-ବାରବାଟୀ ବିଧାୟକ ମହମ୍ମଦ ମୋକିମଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଅତିଥିଭାବେ ଯୋଗ ଦେଇଥିଲେ।

# ଆଇଆଇଏଫ୍‌ଏମ୍ ଛାତ୍ରୀଛାତ୍ରଙ୍କୁ ପଢ଼ାଇଲେ ଏସିଏଫ୍

ଚମ୍ପୁଆ,୨୮।୧୨(ମହେଶ୍ୱର ଦାସ)


ଆଇଆଇଏଫ୍‌ଏମ୍ ଛାତ୍ରୀଛାତ୍ରୀଙ୍କୁ ଅଧିକାରୀଙ୍କ ଖଣି ବିଷୟରେ ସୂଚନା ଦେଉଛନ୍ତି।

ଭୋପାଳସ୍ଥିତ ସର୍ବଭାରତୀୟ ଜଙ୍ଗଲ ପରିଚାଳନା ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ଚମ୍ପୁଆ ଏସିଏଫ୍ ( ବନାଞ୍ଚଳ ଅଧିକାରୀ) ଅକ୍ଷୟ ଛତ୍ରିଆ ଜଙ୍ଗଲ ପରିଚାଳନା ଓ ବନ୍ୟପ୍ରାଣୀ ସମ୍ବନ୍ଧୀୟ ସୂଚନା ପ୍ରଦାନ କରିବା ସହିତ ପାଠ ପଢ଼ାଇଛନ୍ତି। ଆଇଆଇଏଫ୍‌ଏମ୍ ଭୋପାଳ ୨୦୨୩-୨୫ ବ୍ୟାଚ୍‌ର ପିଜି ଛାତ୍ରୀଛାତ୍ର ଡିସେମ୍ବର ୨୩,୨୪ ଓ ୨୬ ତାରିଖ ଫିଲ୍ଡ ୱାର୍କ ପାଇଁ ଆସିଥିଲେ। ଏହି ଅବସରରେ ଏସିଏଫ୍ ଅକ୍ଷୟ ଛତ୍ରିଆ ଛାତ୍ରୀଛାତ୍ରଙ୍କୁ ବନୀକରଣ, ବନ୍ୟପ୍ରାଣୀ ନିବାରଣ ବିରୋଧୀ କାର୍ଯ୍ୟକଳାପ ସହିତ ଉନ୍ନତି ଓ ଅବନତି, ଅତ୍ୟାଧୁନିକ ଜ୍ଞାନକୌଶଳର ବିନିଯୋଗ ଏସ୍‌ଏମ୍‌ସି ମ୍ୟାନେଜମେଣ୍ଟ, ଫରେଷ୍ଟ ଆକ୍ଟ ୧୯୮୦ ଅନୁଯାୟୀ ଖଣି ପୁନରୁଦ୍ଧାର ଓ କିଶମ ପରିବର୍ତ୍ତନ ଏବଂ ବିବିଧତା ପ୍ରସଙ୍ଗ, କ୍ଷୁଦ୍ର ଜଙ୍ଗଲ ଜାତୀୟ ଦ୍ରବ୍ୟ ଓ ନର୍ସରୀ ମ୍ୟାନେଜମେଣ୍ଟ ଆଦି ଉପରେ ବୈଷୟିକ ଜ୍ଞାନ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଏମ୍‌ବିଏଡିସି( ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମ) ପରାମର୍ଶଦାତା ଫୁଲେଇ ହେମ୍ବ୍ରମ ସହଯୋଗ କରିଥିବା ଏବଂ ନୋଡାଲ ଅଧିକାରୀ ଭାବେ ଏସିଏଫ୍ ଅଶୋକ ଦାସ ଦାୟିତ୍ୱ ନିର୍ବାହ କରିଥିଲେ।

# ମିଶନ ଟାଇଗର କ୍ଲବ ଚାମ୍ପିୟନ

## ରାଧାମୋହନ ସ୍ମାରକୀ ଫୁଟ୍‌ବଲ

ଧାମନଗର,୨୮।୧୨(ଦେବେନ୍ଦ୍ର ଆଦ୍ଧିଆ)

ଧାମନଗର ବ୍ଲକ ଗଡ଼ିଆଳି ପଞ୍ଚାୟତ ପଡ଼ିଆଠାରେ ଚାଲିଥିବା ଆନ୍ତଃଜିଲା ରାଧାମୋହନ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଗୁରୁବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ବାଲେଶ୍ୱରର ମିଶନ ଟାଇଗର ଟିମ୍ କଟକ ଇଲେଭେନକୁ ୫-୦ ଗୋଲରେ ହରାଇ ଚାମ୍ପିୟନ ହୋଇଛି। ରେଫରୀ ଭାବେ ଜିତେନ୍ଦ୍ର ବାରିକ ଖେଳ ପରିଚାଳନା କରିଥିଲେ। ରାଧାମୋହନ କ୍ଲବର କ୍ରୀଡ଼ା ସଭାପତି ଅଧ୍ୟାପକ ରବିନ୍ଦ୍ର ପାଣିଗ୍ରାହୀଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଡାକ୍ତର ସଞ୍ଜୟ ଦାସ, ନାଟ୍ୟକାର ଅମରେନ୍ଦ୍ର ନାୟକ, ପୂର୍ବତନ ସମିତି ସଭ୍ୟ ହରେକୃଷ୍ଣ ପାଢୀ, ଜିଲା ପରିଷଦ ସଭ୍ୟ ସାରଦା ପ୍ରସନ୍ନ ସାହୁ ପ୍ରମୁଖ ଯୋଗଦେଇ ବିଜେତା ଏବଂ ଉପ ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। କ୍ରୀଡ଼ା ସମ୍ପାଦକ ତାରାକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ। ରାଧାମୋହନ କ୍ଲବର କାର୍ଯ୍ୟକର୍ତ୍ତାମାନେ କ୍ରୀଡ଼ା ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।

# ପିଢ଼ପୋଖରୀରେ ଶାନ୍ତି କମିଟି ଗଠିତ

## ଧର୍ମ ପରିବର୍ତ୍ତନକୁ ନେଇ ଲଣ୍ଡା ଘଟଣା

ଯୋଡ଼ା,୨୮।୧୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ବାମେବାରି ଥାନା ଅନ୍ତର୍ଗତ ପିଢ଼ପୋଖରୀ ଗ୍ରାମରେ ଧର୍ମ ପରିବର୍ତ୍ତନକୁ କେନ୍ଦ୍ର କରି ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଘଟଣା ପରେ ପୋଲିସ ଓ ପ୍ରଶାସନ ପକ୍ଷରୁ ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ପାଇଁ ଉଭୟ ଗୋଷ୍ଠୀକୁ ନେଇ ଏକ ଶାନ୍ତି କମିଟି ଗଠନ କରାଯାଇଛି। ହାଣ୍ଡି ଭଙ୍ଗା ଗାଁରୁ ୫ ମହିଳା ଓ ୫ ପୁରୁଷ ଏବଂ ପିଢୋପୋଖରୀ ଗାଁରୁ ୧୦ ମହିଳା ଓ ୧୦ ପୁରୁଷଙ୍କୁ ନେଇ ବାମେବାରି ଥାନା ପରିସରରେ ବଡ଼ବିଲ ଏସ୍‌ଡିପିଓ ପ୍ରୀୟସ ରଞ୍ଜନ ଛୋଟରାୟ, ବଡ଼ବିଲ ତହସିଲଦାର ଡିଏସ ଶୁଭଦର୍ଶୀ ଯୋଶୀ ଓ ବାମେବାରି ଥାନା ଅଧିକାରୀ ଦୀପ୍ତି ରଞ୍ଜନ ସାହୁ ଓ ବଡ଼ କାଳିମାଟି ସରପଞ୍ଚ ପାନପତି ମୁଣ୍ଡା ଉପସ୍ଥିତି ରହି ଦୁଇ ଗୋଷ୍ଠୀଙ୍କୁ ବୁଝାସୁଝା କରି ସମାଧାନ ପୂର୍ବକ ଶାନ୍ତି କମିଟି ଗଠନ କରାଯାଇଥିଲା। ସୂଚନାଯୋଗ୍ୟ, ସ୍ୱଧର୍ମକୁ ପ୍ରତ୍ୟାବର୍ତ୍ତନକୁ କେନ୍ଦ୍ର କରି ଗ୍ରାମରେ ୨ ଯୁବକଙ୍କୁ ଲଣ୍ଡା କରାଯାଇଥିଲା। ଘଟଣା ପରେ ପିଢ଼ପୋଖରୀ ଗ୍ରାମରେ ଉତ୍ତେଜନା ଦେଖା ଦେଇଥିଲା। ଅଶାନ୍ତି ସୃଷ୍ଟି ଅଭିଯୋଗରେ ପୋଲିସ ଏ ପର୍ଯ୍ୟନ୍ତ ୮ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।


ଥାନା ପରିସରରେ ଗ୍ରାମବାସୀ ଓ ପୋଲିସ ପ୍ରଶାସନର ବୈଠକ।

# ଛାତ୍ରୀଛାତ୍ର ରାଷ୍ଟ୍ର ପ୍ରତି ସମର୍ପିତ ହୁଅନ୍ତୁ


ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ରୂପସା, ୨୮।୧୨(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଅଧୀନ ଉଇଟିକିରିସ୍ଥିତ ଶାନ୍ତିଲତା ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ନୂଆ-ଓ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ପ୍ରାଧ୍ୟାପକ ମନୋରଞ୍ଜନ ବେହେରା ଏହି ଉତ୍ସବରେ ଅଧ୍ୟକ୍ଷତା କରି ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ମାଝି ଓ ମୁଖ୍ୟବକ୍ତା ପୂର୍ବତନ ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ପୁହାଣ ଯୋଗଦେଇ ଛାତ୍ରୀଛାତ୍ର ନିଜ ନିଜ ପ୍ରତିଭାର ବିକାଶ ସହ ରାଷ୍ଟ୍ର ପ୍ରତି ସମର୍ପିତ ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ପରିଚାଳନା ସମିତି ସଭାପତି ନବକାନ୍ତ ବିଶ୍ୱାଳ, ସରପଞ୍ଚ ଲକ୍ଷ୍ମୀକାନ୍ତ ଜେନା ଓ ସମିତିସଭ୍ୟା ଅନିତା ଜେନା ପ୍ରମୁଖ ମଞ୍ଚାସୀନ ହୋଇ ସରକାରଙ୍କ ନୂଆ-ଓ ଯୋଜନା ଲୁକ୍କାୟିତ ପ୍ରତିଭାକୁ ପରିସ୍ଫୁଟ କରିବାର ମାଧ୍ୟମ ବୋଲି କହିଥିଲେ। ନୋଡାଲ ଅଫିସର ମାନସ କୁମାର ଦତ୍ତ ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ନୋଡାଲ ଅଫିସର ଅଧ୍ୟାପିକା ଜେମାମଣି ସାହୁ ଓ ଅଧ୍ୟାପକ ଜୀବନକୃଷ୍ଣ ଗିରି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପକ ସପନ କୁମାର ମହାପାତ୍ର ଓ ଡ. ମମତା ସାହୁ ମଞ୍ଚ ସଂଯୋଜନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ସହ ପୁରସ୍କୃତ କରିଥିଲେ। ଅଧ୍ୟାପକ ଦୁର୍ଗାଚରଣ ମାର୍ଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଉମାଶଙ୍କର ପାଣି ଓ ପୂର୍ଣ୍ଣଚନ୍ଦ୍ର ଭୋଳ, ଅଧ୍ୟାପିକା ପ୍ରଣତି ବେହେରା ଓ ଭାରତୀ ଭୋଇ, ଲାଇବ୍ରେରୀୟାନ କାହ୍ନୁଚରଣ ପତି ଓ ଜନ୍ମୟ ଗିରି ଉତ୍ସବ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ନୃତ୍ୟ ଗୀତ ପରିବେଷଣ କରିଥିଲେ।

# ବ୍ଲକ୍‌ସ୍ତରୀୟ ଶିଶୁ ଶ୍ରମିକ ମୁକ୍ତ ଅଞ୍ଚଳ କାର୍ଯ୍ୟକ୍ରମ

ଯୋଡ଼ା,୨୮।୧୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ପଶ୍ଚିମ ଯୋଡ଼ା ଅଡିଟୋରିୟମଠାରେ ଗୁରୁବାର ପଞ୍ଚାୟତିରାଜ ଅନୁଷ୍ଠାନ ଓ ଆସ୍ୱାୟାରର ମିଳିତ ଆନୁକୂଲ୍ୟରେ ବ୍ଲକ୍‌ସ୍ତରୀୟ ଶିଶୁ ଶ୍ରମିକ ମୁକ୍ତ ଅଞ୍ଚଳ ଘୋଷଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପଦ୍ମଶ୍ରୀ ତୁଳସୀ ମୁଣ୍ଡା, ସମାଜିକକର୍ମୀ ଦମୟନ୍ତୀ ସାମଲ, ବିଧାୟିକାଙ୍କ ପ୍ରତିନିଧି ବାବୁଲାଲ ସାହୁ, ଯୋଡ଼ା ବ୍ଲକ୍ ଅଧ୍ୟକ୍ଷ କବୀନ୍ଦ୍ର ନାଏକ, ଯୋଡ଼ା ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ମୃଦୁଳା ମହାନ୍ତି, ଯୋଡା ବ୍ଲକ୍ ବିଇଓ କ୍ଷେତ୍ରମୋହନ ହାସଦା, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସ୍ୱରୂପ ରାଜ ବିଷୋୟୀ, ନିରଞ୍ଜନ ବହିଦାର, ଜିଲାପରିଷଦ ଶଶିକାନ୍ତ ଖିଲାର, ସୁକୁମାରୀ ଦେହୁରୀ, ଉମ୍ବରୁଧର କୁଦାଦାଃ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ କାହ୍ନୁ ମାଝୀ, ସିଡିପିଓ ମାନସୀ ବେହେରା, ସୁକାନ୍ତୀ ପାତ୍ର, ଟେନସା ସିଆରସିସି ପ୍ରଶାନ୍ତ ବେହେରା, ଆସ୍ୱାୟାର ଷ୍ଟେଟ୍ କୋର୍ଡିନେଟର ରବି କୁମାର, ଆସ୍ୱାୟାର ଯୋଡ଼ା ବ୍ଲକ୍ କୋର୍ଡିନେଟର ରମେଶ ଗୁପ୍ତ, କୋଇଡ଼ା ବ୍ଲକ୍ କୋର୍ଡିନେଟର ବାପିଲି ଗୋସ୍ୱାମୀଙ୍କ ସମେତ ଅନ୍ୟ ଅଧିକାରୀମାନେ ଯୋଗଦେଇ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ବାର୍ତ୍ତା ପ୍ରେରଣ କରିବା ସହ ଆସ୍ୱାୟାର କରୁଥିବା ସମସ୍ତ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଆସ୍ୱାୟାର ସମୁଦାୟ ୩୫୧୨ ଶିଶୁ ଶ୍ରମିକଙ୍କୁ ଶିକ୍ଷା ସହ ଜଡ଼ିତ କରି ଶିଶୁମାନଙ୍କ ଭବିଷ୍ୟତକୁ ଉଜ୍ଜ୍ୱଳ କରିବାରେ ସକ୍ଷମ ହୋଇପାରିଛି। କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ଶିକ୍ଷା ସମ୍ବନ୍ଧୀୟ ମେଳା ପ୍ରଦର୍ଶନୀ କରାଯାଇଥିଲା। ଯୋଡ଼ା ବ୍ଲକ୍‌ର ବିଭିନ୍ନ ପଞ୍ଚାୟତ ଜନପ୍ରତିନିଧି, କାଉନ୍‌ସିଲର, ବିଦ୍ୟାଳୟ ପରିଚାଳନା କମିଟି, ଯୋଡ଼ା ଶିଶୁ ସୁରକ୍ଷା ମଞ୍ଚର କର୍ମକର୍ତ୍ତା, ଶିକ୍ଷକ ସମେତ ଅନ୍ୟମାନେ ଯୋଗଦେଇଥିଲେ। ଯୋଡ଼ା ସହରାଞ୍ଚଳ କୋର୍ଡିନେଟର ରଶ୍ମୀରେଖା ବେହେରା ମଞ୍ଚ ପରିଚାଳନା କରିଥିଲେ।

